## ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ନବରଙ୍ଗପୁର,(ବି.ପ୍ର.)- ନବରଙ୍ଗପୁର ଅଞ୍ଚଳର ଜଣେ ନାବାଳିକାଙ୍କ ସହ ପ୍ରେମସମ୍ପର୍କ ରଖି ତାଙ୍କଠାରୁ ଟଙ୍କା ନେଇଥିବା ଅଭିଯୋଗରେ ପ୍ରେମିକ କାହ୍ନୁ ସେଠିଆଙ୍କୁ ଅତିରିକ୍ତ ଜିଲାଜଜ୍ (ପୋକ୍ସୋ) ପ୍ରଣତି ସାହା ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ୨୨ଜଣ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ଏହି ରାୟ ପ୍ରକାଶ ପାଇଛି। କାହ୍ନୁଙ୍କ ଝିଅକୁ ହାତକରି ଘରେ ଥିବା ୨ଲକ୍ଷ ୫୦ ହଜାର ଟଙ୍କା କାହ୍ନୁ ନେଇଯାଇଥିବା ନାବାଳିକାଙ୍କ ବାପା ୨୦୧୯ ସେପ୍ଟେମ୍ବର ୧୫ ତାରିଖରେ ନବରଙ୍ଗପୁର ଥାନାରେ ଅଭିଯୋଗ କରିଥିଲେ। ୧୮୬/୧୯ରେ ଏକ ମାମଲା ରୁଜୁ ହୋଇଥିଲା। ପରବର୍ତ୍ତୀ ସମୟରେ ପୋଲିସ ଅଭିଯୋଗପତ୍ର କୋର୍ଟରେ ଦାଖଲ କରିଥିଲା। କୋର୍ଟ କେସ୍ ନଂ.୪୧/୧୯ରେ ମାମଲା ରୁଜୁ ହୋଇ ବିଚାରାଧୀନ ରହିଥିଲା। ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ ବାବା ଯୋଗେନ୍ଦର ଓ ତାଜ୍ ଇମ୍ରାନ୍ ମାମଲା ପରିଚାଳନା କରୁଥିଲେ।

# ଦାବିକୁ ଅଣଦେଖା କରି ସ୍ଥାନାନ୍ତର ହେଲା ବେସିନ୍ ମ୍ୟାନେଜରର କାର୍ଯ୍ୟାଳୟ

ତେନ୍ତୁଲିଖୁଣ୍ଟି, ୨୧।୫(ଡି.ଏନ୍.ଏ.)

ନବରଙ୍ଗପୁର ଜିଲାର ହକ୍କୁ ମାରି କଳାହାଣ୍ଡିକୁ ଶସ୍ୟଶ୍ୟାମଳା କରାଗଲା। ନଦୀର ଧର୍ମକୁ ବଦଳାଇ ତଳମୁଣ୍ଡ ପରିବର୍ତ୍ତେ ଉପର ମୁଣ୍ଡକୁ ଦିଆଗଲା ପାଣି। ଏହାପରେ ଏଠାରେ ଥିବା ଗୋଟିଏ ପରେ ଗୋଟିଏ କାର୍ଯ୍ୟାଳୟକୁ ଉଠାଇ ନିଆଯାଉଛି। ପୂର୍ବରୁ ଅନେକ କାର୍ଯ୍ୟାଳୟକୁ ସ୍ଥାନାନ୍ତର କରାଯିବା ପରେ ଏବେ ବେସିନ୍ ମ୍ୟାନେଜର କାର୍ଯ୍ୟାଳୟକୁ ମଧ୍ୟ ସ୍ଥାନାନ୍ତର କରାଯାଇଛି। ଏହାକୁ ନେଇ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ଖାତିଗୁଡ଼ାରେ ଜଳସମ୍ପଦ ବିଭାଗର ମୁଖ୍ୟଯନ୍ତ୍ରୀ କାର୍ଯ୍ୟାଳୟ, ଉପର ଇନ୍ଦ୍ରାବତୀ ଜଳସେଚନ ପ୍ରକଳ୍ପ ଓ ମୁଖ୍ୟନିର୍ମାଣ ଯନ୍ତ୍ରୀ କାର୍ଯ୍ୟାଳୟ, ଉପର ଇନ୍ଦ୍ରାବତୀ ଜଳ ବିଦ୍ୟୁତ୍ ପ୍ରକଳ୍ପ କାର୍ଯ୍ୟାଳୟ ଥିଲା। ତାହା ଅଧୀନରେ ୪ରୁ ୫ ଡିଭିଜନ କାର୍ଯ୍ୟାଳୟ ସହ ବିଦ୍ୟାଳୟ, କଲେଜ ଓ ମେଡିକାଲ ପରିଚାଳିତ ହେଉଥିଲା। ୨୦୧୬ରେ ଜଳସେଚନ ବିଭାଗର ଇନ୍ଦ୍ରାବତୀ ମୁଖ୍ୟଯନ୍ତ୍ରୀ କାର୍ଯ୍ୟାଳୟ ସହ କୋଲାବକୁ ମିଶ୍ରଣ କରି ମୁଖ୍ୟଯନ୍ତ୍ରୀ ତଥା ବେସିନ ମ୍ୟାନେଜର ଇନ୍ଦ୍ରାବତୀ ଓ କୋଲାବ ବେସିନ କରିଦିଆଗଲା। ପରେ ମୁଖ୍ୟଯନ୍ତ୍ରୀଙ୍କ କ୍ଷମତା ସଙ୍କୁଚିତ କରି ମୁଖ୍ୟ ନିର୍ମାଣ ଯନ୍ତ୍ରୀ କୋଲାବ ଓ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ମୁଖିଗୁଡାଙ୍କୁ କ୍ଷମତା ପ୍ରଦାନ କରାଗଲା। ୨୦୧୮/୧୯ରେ ଇଞ୍ଜିନିୟରିଂ କ୍ୟାଡର ପୁନର୍ଗଠନ ନାମରେ ଖାତିଗୁଡାରୁ ଗୁଣ ନିୟନ୍ତ୍ରଣ ବିଭାଗ କାର୍ଯ୍ୟାଳୟକୁ ଜୟପୁର ସ୍ଥାନାନ୍ତର କରାଗଲା। ସର୍ବଦଳୀୟ ପ୍ରତିନିଧି ତଥା ତତ୍କାଳୀନ ଜିଲାପାଳଙ୍କ ଚାପରେ ଜୁଲାଇରୁ ମେ ମାସ ପର୍ଯ୍ୟନ୍ତ ମୁଖ୍ୟଯନ୍ତ୍ରୀ ତଥା ବେସିନ ମ୍ୟାନେଜର କାର୍ଯ୍ୟାଳୟ ସ୍ଥାନନ୍ତର ବନ୍ଦ ରହିଲା। କିନ୍ତୁ ୧୦ ମେ'ରେ ଏହାକୁ ବାରିଣୀପୁଟକୁ ଉଠାଇ ନିଆଗଲା। ଉପର ଇନ୍ଦ୍ରାବତୀ ଜଳବିଦ୍ୟୁତ୍ ପ୍ରକଳ୍ପର ୪ ଡିଭିଜନ କାର୍ଯ୍ୟାଳୟକୁ ୧ ଜାନୁୟାରୀ ୨୦୨୨ରୁ ଜଳ ସମ୍ପଦ ବିଭାଗ ପରିଚାଳନା କରିବ ବୋଲି ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ। ୧ ଏପ୍ରିଲରୁ ଜଳସେଚନ ବିଭାଗ ଦରମା ସହ ଅନ୍ୟ ଉନ୍ନତିମୂଳକ କାର୍ଯ୍ୟ କରିବ ବୋଲି ନିର୍ଦ୍ଦେଶ ଥିଲା। ମେ ମାସରେ ଆଉ ଏକ ନିର୍ଦ୍ଦେଶ ଆସିଲା। ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଜଳବିଦ୍ୟୁତ ନିଗମ ହିଁ ଦରମା ଓ ଅନ୍ୟ କାର୍ଯ୍ୟ କରିବ ବୋଲି ପୁଣି କୁହାଗଲା। ଜଳ ବିଦ୍ୟୁତ୍ ନିଗମ ଯଦି ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ସମସ୍ତ ଅର୍ଥ ପ୍ରଦାନ କରିବ, ନିଗମ ଅଦ୍ୟାବଧି ଦେଉଥିବା ଅଭ୍ୟନ୍ତର ଇଲାକା ଭତ୍ତା କାହିଁକି ଦେବନି ବୋଲି ବୁଦ୍ଧିଜୀବୀ ପ୍ରଶ୍ନ କରିଛନ୍ତି। ଉପର ଇନ୍ଦ୍ରାବତୀ ଜଳବିଦ୍ୟୁତ ପ୍ରକଳ୍ପ ଜଳସେଚନ ବିଭାଗ ଅଧୀନକୁ ଗଲେ କାର୍ଯ୍ୟାଳୟର ନାମ କ'ଣ ରହିବ, କାର୍ଯ୍ୟାଳୟ ମୁଖ୍ୟ କିଏ ହେବେ ପାଞ୍ଚ ମାସ ହେଲାଣି ସ୍ଥିର କରାଯାଇପାରୁନାହିଁ। ବିଦ୍ୟାଳୟଗୁଡିକୁ ଶିକ୍ଷା ବିଭାଗକୁ ହସ୍ତାନ୍ତର ନେଇ ଆଦେଶନାମା ବାହାରିଲା। କିନ୍ତୁ ଗଣଶିକ୍ଷା ବିଭାଗକୁ ସ୍କୁଲର ଶିକ୍ଷକ ସମସ୍ୟା ତଥା ଉନ୍ନୟନ କାର୍ଯ୍ୟ ପାଇଁ କୌଣସି ଠୋସ ଆଦେଶନାମା ଆସିନି। ଏବେ ଇନ୍ଦ୍ରାବତୀ ହାଇସ୍କୁଲରେ ୪୫୦ ଛାତ୍ରୀଛାତ୍ରଙ୍କୁ ମାତ୍ର ୬ ଜଣ ଶିକ୍ଷୟତ୍ରୀ ଶିକ୍ଷକ ଅଛନ୍ତି। ଇନ୍ଦ୍ରାବତୀ ପ୍ରାଥମିକ ବିଦ୍ୟାଳୟର ଆଜବେଷ୍ଟସ୍ ଉଡିଯାଇଛି ଅଥଚ ମରାମତି କେଉଁ ବିଭାଗ କରିବ ତାହାକୁ ନେଇ ଦ୍ୱନ୍ଦ୍ୱ ରହିଛି। ଏ ନେଇ ମୁଖ୍ୟଯନ୍ତ୍ରୀ ତଥା ବେସିନ ମ୍ୟାନେଜର ଶତ୍ରୁଘ୍ନ ମହାରଣାଙ୍କୁ ଏ ସମ୍ପର୍କରେ ପଚାରିବାରୁ ମୋ କାର୍ଯ୍ୟାଳୟର ୩୯ କର୍ମଚାରୀ ଓ ନବରଙ୍ଗପୁର ଜଳସେଚନ ଡିଭିଜନର ୧୯ କର୍ମଚାରୀଙ୍କ ଦରମା ମୁଖିଗୁଡ଼ାରୁ ହୋଇ ନ ପାରିବାରୁ ବାଧ୍ୟ ହୋଇ ତତ୍କାଳ ସ୍ଥାନାନ୍ତର କରିବା ନିଷ୍ପତ୍ତି ନେଲି। ଆହୁରି ମଧ୍ୟ ସରକାରୀ ନିର୍ଦ୍ଦେଶନମା ପ୍ରକାରେ ଜୟପୁର ଟ୍ରେଜେରି ଓ ନବରଙ୍ଗପୁର ଟ୍ରେଜେରି ଦ୍ୱାରା ଆର୍ଥିକ ଆଦାନ ପ୍ରଦାନ ନିଷ୍ପତ୍ତି ଯୋଗୁ ଏହି ପଦକ୍ଷେପ ନେଇଛି। ଜୁଲାଇରୁ ମେ ପର୍ଯ୍ୟନ୍ତ ଅପେକ୍ଷା କଲି । ସରକାରୀ ନିର୍ଦ୍ଦେଶନମା ଖାତିଗୁଡ଼ାରେ କାର୍ଯ୍ୟାଳୟ ରହିବା ନେଇ ଅର୍ଡ଼ର ଆସିଲାନି। ସ୍ଥଗିତ ଆଦେଶନାମା ପୁନଃ କାର୍ଯ୍ୟକାରୀ କଲି ବୋଲି ସେ କହିଛନ୍ତି।

# ବେସରକାରୀ କେନ୍ଦୁପତ୍ର ଫଡ଼ିରେ ଖଟୁଛନ୍ତି ଶିଶୁ ଶ୍ରମିକ

ତେନ୍ତୁଲିଖୁଣ୍ଟି, ୨୧।୫(ଡି.ଏନ୍.ଏ.)

ଆଇନକୁ ଆଖିଠାର। ଆଇନକୁ ନାହିଁ ଡରଭୟ। ଉହଡହ ଖରାରେ କେନ୍ଦୁପତ୍ର ଫଡିରେ କାମ କରୁଛନ୍ତି ଛୋଟ ଛୋଟ ପିଲା। ତାହା ପୁଣି ମାତ୍ର ୫୦ ଟଙ୍କା ପାଇଁ। ଆଦିବାସୀ ଅଧ୍ୟୁଷିତ ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକରେ ଏପରି ଘଟିଛି।

ତେନ୍ତୁଲିଖୁଣ୍ଟି ବ୍ଲକ ବଣ ଜଙ୍ଗଲ ଘେରା। ଏଠାକାର ଲୋକେ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ଗୁଜରାଣ ମେଣ୍ଟାନ୍ତି। ଏବେ ବର୍ତ୍ତମାନ ତେନ୍ତୁଲିଖୁଣ୍ଟି ବ୍ଲକବାସୀ କେନ୍ଦୁପତ୍ର ସଂଗ୍ରହରେ ଲାଗି ପଡିଛନ୍ତି। ଖରା ପ୍ରକୋପ ଦେଖି ରାଜ୍ୟ ସରକାର ସ୍କୁଲ ଖୋଲିବା ସମୟ ପରିବର୍ତ୍ତନ କରିଛନ୍ତି। ଏହାର ଫାଇଦା ନେଉଛନ୍ତି ବେସରକାରୀ କେନ୍ଦୁପତ୍ର ଫଡିର ଦଲାଲ। କେନ୍ଦୁପତ୍ର ତୋଳିବା, ଫଡ଼ିରେ ପତ୍ର ଓଲଟାଇ ଶୁଖାଇବା କାର୍ଯ୍ୟରେ ଶିଶୁ ଶ୍ରମିକ ନିୟୋଜିତ ଥିବା ଦେଖିବାକୁ ମିଳିଛି। ଚାଇଲ୍ଡଲାଇନ୍, ଶିଶୁ ମଙ୍ଗଳ ବିଭାଗ ଏ ଦିଗରେ ଦୃଷ୍ଟି ଦିଅନ୍ତୁ ବୋଲି ଲୋକେ ଦାବି କରିଛନ୍ତି। ଏହା ବ୍ୟତୀତ କେତେଜଣ ଦଲାଲ କମ୍ ମୂଲ୍ୟରେ କେନ୍ଦୁପତ୍ର କିଣୁଥିବାବେଳେ ରାତିଅଧିଆ ଏହି ଶୁଖିଲା କେନ୍ଦୁପତ୍ରକୁ ଅନ୍ୟତ୍ର ସ୍ଥାନାନ୍ତର କରୁଛନ୍ତି। ଏ ଦିଗରେ ମଧ୍ୟ ପ୍ରଶାସନ ଦୃଷ୍ଟି ଦିଅନ୍ତୁ ବୋଲି ଦାବି ହୋଇଛି। ଏ ନେଇ ଦିଗି ସରପଞ୍ଚଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ ସେ ଅବଗତ ନ ଥିବା କହିଛନ୍ତି।


ତେନ୍ତୁଲିଖୁଣ୍ଟିର ଏକ ବେସରକାରୀ କେନ୍ଦୁପତ୍ର ଫଡ଼ିରେ ଛୋଟ ପିଲାମାନେ କାମ କରୁଛନ୍ତି।

# ନବୋଦୟରୁ ସୃଷ୍ଟି ହେଉଛନ୍ତି ପରିପକ୍ୱ ବ୍ୟକ୍ତିତ୍ୱ

## ନବୋଦୟ ବିଦ୍ୟାଳୟ ବାର୍ଷିକ ଉତ୍ସବ

ରାୟଗଡ଼ା ଅଫିସ, ୨୧।୫

ରାୟଗଡ଼ାସ୍ଥିତ ଜବାହର ନବୋଦୟ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା ମୁଖ୍ୟ ଅତିଥି, ଜିଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝି, ଏସ୍‌ପି ବିବେକାନନ୍ଦ ଶର୍ମା, ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନ, ଆଦର୍ଶ ଡିଗ୍ରୀ କଲେଜ ଅଧ୍ୟକ୍ଷ, ନବୋଦୟ ଅଧ୍ୟକ୍ଷ ସିଦ୍ଧାର୍ଥ ଶଙ୍କର ବରାଳ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ନବୋଦୟରୁ ଜଣେ ଜଣେ ପରିପକ୍ୱ ବ୍ୟକ୍ତିତ୍ୱର ସୃଷ୍ଟି ହେଉଛି ବୋଲି ଅତିଥିମାନେ କହିଛନ୍ତି। କ୍ରୀଡ଼ା ଓ ଶିକ୍ଷା କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଛି। ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଛନ୍ତି। ଏହି ଅବସରରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସମେତ ଛାତ୍ରୀଛାତ୍ର ଓ ଅଭିଭାବକ ଉପସ୍ଥିତ ଥିଲେ। ସହକାରୀ ଅଧ୍ୟକ୍ଷ ଶୁଭଦୀପ ସାହା, ଶିକ୍ଷକ ଜାକିର ହୁସେନ ଅନ୍‌ସାରି, ହୃଷୀକେଶ ପରିଡ଼ା, କ୍ରୀଡ଼ା ଶିକ୍ଷୟିତ୍ରୀ ବନ୍ଦିତା ମହାନ୍ତି, କ୍ରୀଡ଼ା ଶିକ୍ଷକ ଆଶିଷ କୁମାର, ସଙ୍ଗୀତ ଶିକ୍ଷୟିତ୍ରୀ ଆକାଂକ୍ଷା ପ୍ରିୟା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ଜଣେ କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

# ନିଆଁ ଦାଉରୁ ନିଜ ସହ ଅନ୍ୟକୁ ବଞ୍ଚାଇବା ତାଲିମ

ନବରଙ୍ଗପୁର,୨୧।୫(ବି.ପ୍ର.)

ନବରଙ୍ଗପୁର ଜିଲାପାଳ ଡ. କମଳ ଲୋଚନ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ନବରଙ୍ଗପୁର ଜିଲା ସଦର ମୁଖ୍ୟ ଚିକିତ୍ସାଳୟ ପରିସରରେ ଜିଲା ଅଗ୍ନିଶମ ବିଭାଗ ଅଧିକାରୀ ଏବଂ କର୍ମଚାରୀଙ୍କ ଦ୍ୱାରା ଏକ ମକ୍‌ଡ୍ରିଲ କରାଯାଇଛି। ଅଗ୍ନିଜନିତ ଦୁର୍ଘଟଣା ସମୟରେ କିପରି ନିଜକୁ ବଞ୍ଚାଇ ଅନ୍ୟକୁ ରକ୍ଷା କରିହେବ ସେନେଇ ସମସ୍ତଙ୍କୁ ଅବଗତ କରାଯାଇଛି। ଏଥିସହିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଅଗ୍ନି ସୁରକ୍ଷା ବ୍ୟବସ୍ଥା ତଦାରଖ କରାଯାଇଥିଲା। ସେହିପରି ଜିଲା କାର୍ଯ୍ୟାଳୟରେ ଅଗ୍ନି ସୁରକ୍ଷା ବ୍ୟବସ୍ଥା ସ୍ଥାପନ ପାଇଁ ନିରୀକ୍ଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଜରୁରିକାଳୀନ ବିଭାଗ ଅଧିକାରୀ ମୌସୁମୀ ନାୟକ, ଜିଲା ପ୍ରକଳ୍ପ ଅଧିକାରୀ ହିମାଂଶୁ ଶେଖର ପଟ୍ଟନାୟକ, ଡିପିଏମ୍ ସୁଶାନ୍ତ କୁମାର ପ୍ରହରାଜ, ଜିଲା ହସ୍ପିଟାଲ ମ୍ୟାନେଜର ବିଭୁଦତ୍ତ ଶତପଥୀ, ସହକାରୀ ଅଗ୍ନିଶମ ଅଧିକାରୀ କୁନୁ ନାୟକ, ଆଗ୍ନିକ କର୍ମଚାରୀ ଭରତ କର୍କରା, ମୋହନ ବେହେରା, ବିକାଶ ମାଝି, ପ୍ରଫୁଲ୍ଲ କୁମାର ବେହେରା, ଶଙ୍କର ବେହେରା, ଲେବର ସିଂ ମାଝି, ଭି. ଭବାନୀ ପାତ୍ର, ଗିରିଧାରୀ ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ।

# ମା' ମାର୍କମା କଲେଜରେ ଆଲୋଚନାଚକ୍ର

ବିଷମକଟକ, ୨୧।୫(ଡି.ଏନ୍.ଏ.)

ରାୟଗଡ଼ା ଜିଲା ବିଷମକଟକସ୍ଥିତ ମା' ମାର୍କମା ମହାବିଦ୍ୟାଳୟରେ ଶନିବାର ତିନି ମହାବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ବିଭାଗ ପକ୍ଷରୁ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଏହି ଆଲୋଚନା ଚକ୍ରରେ ମହାବିଦ୍ୟାଳୟ ପ୍ରଥମ ଓ ଶେଷବର୍ଷର ଛାତ୍ରୀଛାତ୍ର ଭାଗ ନେଇଥିଲେ। ପରିବେଶ ପ୍ରଦୂଷଣ ରୋକିବା, ସୁନ୍ଦର ସମାଜ ଗଠନ, ଜନସଂଖ୍ୟା ବୃଦ୍ଧି, ଶିଶୁ ଶାରୀରିକ ଅକ୍ଷମ ଓ ଏଚ୍.ଆଇ.ଭି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଛାତ୍ରୀଛାତ୍ରମାନେ ସେ ଉପରେ ମତ ରଖିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କ୍ୟାପ୍‌ଟେନ ରବିଶଙ୍କର ଯୋଗଦେଇଥିଲେ। ଏଥିରେ ଅଧ୍ୟାପିକା ଯଶସ୍ୱିନୀ ନେତାମଙ୍କ ସହ ମହାବିଦ୍ୟାଳୟର ସମସ୍ତ ଅଧ୍ୟକ୍ଷ, ଅଧ୍ୟାପିକା ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।



# ନିମନ୍ତ୍ରଣ ଦେବା ବାହାନାରେ ଘରେ ପଶି ଲୁଟ୍ ଉଦ୍ୟମ

ରାୟଗଡା ଅଫିସ, ୨୧।୫

ରାୟଗଡ଼ା କଲେଜରୋଡ ସ୍ଥିତ ଜଗନ୍ନାଥ ମହାନ୍ତିଙ୍କ ଘରେ ପଶି ମାରଣାସ୍ତ୍ର ଦେଖାଇ ଚୋରି କରିବାକୁ କେତେଜଣ ଦୁର୍ବୃତ୍ତ ଉଦ୍ୟମ କରୁଥିଲେ। ପଡୋଶୀମାନେ ଘଟଣାସ୍ଥଳରେ ପହଞ୍ଚିବାରୁ ଦୁର୍ବୃତ୍ତମାନେ ଫେରାର ହୋଇଯାଇଛନ୍ତି। ସୂଚନାନୁଯାୟୀ, ୪ଜଣ ପୁରୁଷ ଓ ଜଣେ ମହିଳା ବିବାହ କାର୍ଡ ଦେବାକୁ ଜଗନ୍ନାଥଙ୍କ ଘରକୁ ଆସିଥିଲେ। ଜଗନ୍ନାଥଙ୍କ ସ୍ତ୍ରୀଙ୍କୁ ଧାରୁଆ ଛୁରି ଦେଖାଇ ଚେତା ଶୂନ୍ୟ କରିବାକୁ ଉଦ୍ୟମ କରିବା ସହ ତାଙ୍କ ଝିଅ ଓ ପୁଅଙ୍କୁ ଅନ୍ୟ ଏକ ଗୃହରେ ବନ୍ଦ କରିଥିଲେ। କୌଣସି ଉପାୟରେ ଝିଅ ବାହାରିଯାଇ ପାଟି କରିବାରୁ ପଡୋଶୀମାନେ ସେଠାରେ ପହଞ୍ଚିଥିଲେ। ପୋଲିସ ଘଟଣାର ତଦନ୍ତ କରୁଛି।

## ସଂକ୍ଷେପରେ

### ଟିପ୍ପର-ବାଇକ୍ ଧକ୍କା: ବାଇକ୍ ଚାଳକ ମୃତ

ଡାବୁଗାଁ, ୨୧।୫ (ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଡାବୁଗାଁ-ବୋରିଗାଁ ମୁଖ୍ୟ ରାସ୍ତା ମୋତିଗାଁ ନିକଟ ଘୋଡ଼ାମାରି ମନ୍ଦିର ପାଖ ବୁଲାଣିରେ ଏକ ଟିପ୍ପର ସହ ବାଇକ ଧକ୍କାହେବା ଫଳରେ ଘଟଣାସ୍ଥଳରେ ବାଇକ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଛତିଶଗଡ଼ ରାଜ୍ୟ ବସ୍ତର ଜିଲା କରପାୱଣ୍ଡ ଥାନା ଅଧୀନ ମକାଗାଁ ଗ୍ରାମର ଧନର ଭତ୍ରାଙ୍କ ପୁଅ ନରସିଂହ ଭତ୍ରା (୨୮)। ନରସିଂହ ଡାବୁଗାଁରୁ ବୋରିଗାଁ ରାସ୍ତାରେ ବାଇକ୍ (ସିଜି-୧୭କେଜି-୨୪୭୨) ଯୋଗେ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ଚିପ୍ସ ବୋଝେଇ ଟିପ୍ପର (ଓଡି-୧୮ଏଚ୍-୮୧୧୮) ସହ ମୁହାଁମୁହିଁ ହୋଇଥିଲା। ନରସିଂହ ରାସ୍ତା ଉପରେ ଛିଟିକି ପଡ଼ିଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଫଳରେ ଉଭୟ ପାର୍ଶ୍ୱରେ ଗାଡ଼ି ଚଳାଚଳ ବନ୍ଦ ହୋଇଯାଇଥିଲା। ଖବରପାଇ ଡାବୁଗାଁ ଥାନାଧିକାରୀ ଅଭିମନ୍ୟୁ ଦୁର୍ଗା, ସବ୍‌ଇନ୍ସପେକ୍ଟର କୁଳଭୂଷଣ ନାୟକ ଓ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଭିଡ଼ ହଟାଇବା ସହ ଗାଡ଼ି ଦୁଇଟିକୁ ଜବତ କରିଥିଲେ। ଘଟଣାସ୍ଥଳରେ ଦମକଳ ବାହିନୀ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ମୃତକଙ୍କ ପରିବାର ଲୋକେ ଆସିବା ପରେ ବ୍ୟବଚ୍ଛେଦ କରାଯାଇ ମୃତଦେହ ହସ୍ତାନ୍ତର କରାଯାଇଛି। ଏ ନେଇ ଡାବୁଗାଁ ଥାନାରେ କେସ୍ ନଂ. ୮୮/୨୦୨୨ରେ ମାମଲା ରୁଜୁ ହୋଇଛି।

### ଡ୍ରେସ୍ ଦୋକାନରୁ ଚୋରି

ପାପଡାହାଣ୍ଡି,୨୧।୫(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ସଦର ମହକୁମା ଉମରକୋଟ ରାସ୍ତାରେ ଥିବା ମା' ଭବାନୀ କ୍ଲଥ ଷ୍ଟୋରରୁ ଚୋରି ହୋଇଛି। ଏ ନେଇ ଦୋକାନ ମାଲିକ ଅନିଲ ଅଗ୍ରୱାଲ ଥାନାରେ ଏତଲା ଦେଇଛନ୍ତି। ଅଭିଯୋଗ ପରେ ସନ୍ଧାନୀ କୁକୁର ସହ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଦୋକାନ କଡ଼ରେ ଥିବା ଲୁହା କବାଟକୁ ତାଡି ଦୁର୍ବୃତ୍ତମାନେ ଦୋକାନ ଭିତରେ ପଶି



ପ୍ରାୟ ଦେଢ଼ ଲକ୍ଷ ଟଙ୍କାର ଡ୍ରେସ୍ ଚୋରି କରି ନେଇଯାଇଛନ୍ତି। ୭୭/୨୨ରେ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଆରମ୍ଭ ହୋଇଛି ବୋଲି ପାପଡାହାଣ୍ଡି ଥାନାଧିକାରୀ ମୀରା ନାୟକ କହିଛନ୍ତି।

### ୩ ବର୍ଷ ପରେ ବୋରୱେଲରେ ଲାଗିଲା ହ୍ୟାଣ୍ଡେଲ

ପାପଡାହାଣ୍ଡି, ୨୧।୫(ଡି.ଏନ୍.ଏ.)- ୩ ବର୍ଷ ପୂର୍ବେ ପଣ୍ଡିକୋଟ ପଞ୍ଚାୟତ ପଡ଼ସାଗୁଡା ଗ୍ରାମରେ ପଞ୍ଚାୟତ ତରଫରୁ ଏକ ବୋରୱେଲ ଖୋଳା ଯାଇଥିଲା। କିନ୍ତୁ ବୋରୱେଲରେ ହ୍ୟାଣ୍ଡେଲ ନ ଥିବାରୁ ତାହା ଅଚଳ ହୋଇ ପଡିରହିଥିଲା। ପାଣି ସମସ୍ୟାକୁ ଦେଖି ଗ୍ରାମବାସୀ ବାରମ୍ବାର ଅଭିଯୋଗ କରିଥିଲେ ହେଁ କେହି ଶୁଣୁ ନ ଥିଲେ। ପରେ ଏ ନେଇ ଗ୍ରାମବାସୀ ପାପଡ଼ାହାଣ୍ଡି ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ ବେହେରାଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଜଣାଇଥିଲେ। ସୁଶାନ୍ତ ଗ୍ରାମକୁ ଯାଇ ସ୍ଥିତି ଅନୁଧ୍ୟାନ କରି ତୁରନ୍ତ ହ୍ୟାଣ୍ଡେଲ ଲଗାଇବାକୁ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ। ଏହାପରେ ଉକ୍ତ ବୋର୍‌ୱେଲରେ ହ୍ୟାଣ୍ଡେଲ ଲାଗିଛି। ବହୁଦିନ ପରେ ଜଳକଷ୍ଟ ଦୂର ହୋଇଥିବାରୁ ଗ୍ରାମବାସୀ ଉପାଧ୍ୟକ୍ଷଙ୍କୁ ଧନ୍ୟବାଦ ଜଣାଇଛନ୍ତି।

### ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

କୋଡିଙ୍ଗା/କୋଷାଗୁମୁଡ଼ା,୨୧।୫ (ଡି.ଏନ୍.ଏ.)- ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ ମାଝିଗୁଡାସ୍ଥିତ ଆଦର୍ଶ ବିଦ୍ୟାଳୟ ନିକଟରେ ଶନିବାର ଏକ ସଡ଼କ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଦାଢ଼ିଆ ମାଝିଗୁଡା ଗ୍ରାମର ଗୋବିନ୍ଦ ଭତ୍ରା (୨୫)। ଗୁରୁତର ଜଣକ ହେଲେ କୋଣ୍ଡାପଦର ଗ୍ରାମର ସୋନୁ ଭତ୍ରା (୫୦)। ସୂଚନାନୁଯାୟୀ, ଏକ ବାଇକ୍‌ରେ କୋଣ୍ଡାପଦରରୁ ଗୋବିନ୍ଦ ଓ ସୋନୁ ଦାଢିଆ ମାଝିଗୁଡା ଗ୍ରାମକୁ ଫେରୁଥିଲେ। ଆଦର୍ଶ ବିଦ୍ୟାଳୟ ନିକଟରେ ବାଇକ୍‌ଟି ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ୧୦୮ ଆମ୍ବୁଲାନ୍ସ ଯୋଗେ ୨ ଜଣଙ୍କୁ କୋଷାଗୁମୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଅଣାଯାଇଥିଲା। ସେଠାରେ ଡାକ୍ତର ଗୋବିନ୍ଦଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ସୋନୁଙ୍କୁ ପ୍ରାଥମିକ ଚିକିତ୍ସା ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ଡାକ୍ତର ସୂଚନା ଦେଇଛନ୍ତି।

# କଂସବଧ ସହ ସରିଲା ଚନ୍ଦାହାଣ୍ଡି ଧନୁଯାତ୍ରା

## କଳାକାରଙ୍କୁ ସମ୍ମାନିତ କଲା ମଣ୍ଡଳଭିଗା ପୂଜା କମିଟି

ଚନ୍ଦାହାଣ୍ଡି, ୨୧।୫(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ସଦର ମହକୁମାରେ ୧୨ ଦିନ ଧରି ଚାଲିଥିବା ଧନୁଯାତ୍ରା ଶୁକ୍ରବାର ବିଳମ୍ବିତ ରାତିରେ ସରିଛି। ଅନ୍ତିମ ଦିବସରେ ମନ୍ତ୍ରୀ କୃଷ୍ଣ ବଳରାମଙ୍କୁ ନେଇ ମଥୁରା ରାଜଦରବାରରେ ପ୍ରବେଶ କରିଛନ୍ତି । ମଥୁରାବାସୀ ମଧ୍ୟ କୃଷ୍ଣ ବଳରାମଙ୍କୁ ଭବ୍ୟ ସ୍ୱାଗତ କରିଛନ୍ତି। ରାଜ ପ୍ରସାଦ ଦ୍ୱାରରେ କୃଷ୍ଣ ବଳରାମଙ୍କୁ ମାରିବାକୁ କଂସ କୁବଳୟା ହସ୍ତୀକୁ ଜଗାଇଥିବା ବେଳେ କୃଷ୍ଣ ତାକୁ ମାରି ମହଲରେ ପ୍ରବେଶ କରିଛନ୍ତି। ଚାଣୁର ମୁଷ୍ଟିକ, ସୁନାଶ ଓ ଅନ୍ୟ ମଲ୍ଲଙ୍କ ସହ ଯୁଦ୍ଧ କରି କୃଷ୍ଣ ସେମାନଙ୍କୁ ପରାସ୍ତ କରିଛନ୍ତି। ଶେଷରେ ଏକାକି ଅନୁଭବ କରି କୃଷ୍ଣଙ୍କ ଶରଣ ପଶିଛନ୍ତି କଂସ ମହାରାଜ। ଶେଷରେ ମଞ୍ଚରୁ ପଡି କଂସଙ୍କ ମୃତ୍ୟୁ ହୋଇଛି। ପ୍ରତିଶୃତି ମୁତାବକ କୃଷ୍ଣ ଆଉଥରେ ଉଗ୍ରସେନଙ୍କୁ ମଥୁରା ନରେଶ ଭାବେ ଅଭିଷେକ କରାଇଛନ୍ତି।

ଶେଷ ଦିନରେ କଂସଙ୍କ ନିମନ୍ତ୍ରଣ ପାଇ ରାଜଦରବାର ଅତିଥିଭାବେ ଚନ୍ଦାହାଣ୍ଡି ସରପଞ୍ଚ ଗଙ୍ଗେଶ୍ୱରୀ ପୂଜାରୀ, ପୂଜା କମିଟି ସଭାପତି ଦୁର୍ଯ୍ୟୋଧନ ପୂଜାରୀ, କମଳ ପୂଜାରୀ, ବବି ବିଷୋୟୀ, ପୂର୍ବତନ ସରପଞ୍ଚ ଲଛମନ ମାଝି, ରଜତ ଜଗତ, ଶଙ୍କର ରାଉତ, ଚଇତୁରାମ ଦଣ୍ଡସେନା ଯୋଗ ଦେଇଥିଲେ। ବଲାଙ୍ଗୀର ଅଞ୍ଚଳର ପ୍ରସିଦ୍ଧ କଳାକାରଙ୍କ ଦ୍ୱାରା ଏହି ଧନୁଯାତ୍ରା ପରିବେଷଣ କରାଯାଇଛି। ପୂଜା କମିଟି ତରଫରୁ ଧନୁଯାତ୍ରାର ସମସ୍ତ କଳାକାରଙ୍କୁ ଉତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ନାଟକ ୧୨ଦିନ ଚାଲି ଥିବା ବେଳେ ଧନୁଯାତ୍ରା ଦେଖିବା ନିମନ୍ତେ ଚନ୍ଦାହାଣ୍ଡି ବ୍ଲକ ସମେତ ସୀମାନ୍ତ ଛତିଶଗଡ ଏବଂ ପଡୋଶୀ କଳାହାଣ୍ଡି ଜିଲାର ହଜାର ହଜାର ଦର୍ଶକ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ବିଘ୍ନେଶ୍ୱର ଆଚାରୀ, ନଳିନୀ ଦାସ, ରତ୍ନାକର ପୁଜାରୀ, ବାସୁଦେବ ସୁନା, କୈଳାସ ବେହେରା, ଜଗଦିଶ ରାଉତ ପ୍ରମୁଖ ପରିଚାଳନା କରିଥିଲେ ।


ମହାରାଜ କଂସଙ୍କ ଦରବାରରେ ଉପସ୍ଥିତ ଅତିଥିମାନେ।

# ୩୧ ବର୍ଷ ପରେ ମଧ୍ୟ ସ୍ମୃତିସ୍ତମ୍ଭ ହୋଇ ନ ପାରିବାରୁ ଅସନ୍ତୋଷ

## ରାଜୀବ ଗାନ୍ଧୀଙ୍କ ଶ୍ରାଦ୍ଧଦିବସ ପାଳିତ

ଗୁଣପୁର,୨୧।୫(ଡି.ଏନ୍.ଏ.)

ରାୟଗଡା ଜିଲା ଗୁଣପୁରରେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜିବ ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସ ଶନିବାର ପାଳିତ ହୋଇଯାଇଛି। ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ବିଜୟ କୁମାର ଗମାଙ୍ଗଙ୍କ ବାସଭବନରେ ଏହି ଉପଲକ୍ଷେ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ସ୍ୱର୍ଗତ ରାଜିବ ଗାନ୍ଧୀଙ୍କ ତୈଳ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଅବହେଳା ତଥା ଅଣଦେଖାକୁ ନେଇ ଅସନ୍ତୋଷ ଦେଖା ଦେଇଥିଲା। ରାଜୀବ ଗାନ୍ଧୀ ୧୯୯୧ ମେ ୨୧ରେ କେରଳର ପେରମ୍ବୁଦରଠାରେ ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯିବାବେଳେ ତାଙ୍କୁ ହତ୍ୟା କରାଯାଇଥିଲା। ସେହି ଦିନ ସକାଳେ ଗୁଣପୁରର ପୁରୁଣା ଗୁଣପୁରଠାରେ ସେ ଶେଷ ରାଜନୈତିକ ସଭା କରିଥିଲେ। ଏଥିପାଇଁ ତାହା ଏକ ଚିର ସ୍ମରଣୀୟସ୍ଥାନ ହୋଇ ରହିଛି। ଏହାକୁ ନେଇ ରାଜ୍ୟ ଏବଂ କେନ୍ଦ୍ର ନେତୃତ୍ୱଙ୍କୁ ପୁରୁଣା ଗୁଣପୁରର ରାଜୀବ ଗାନ୍ଧୀ ଭାଷଣ ଦେଇଥିବା ସ୍ଥାନରେ କିଛି ସ୍ମୃତି କାର୍ଯ୍ୟ କିମ୍ବା ଲାଇବ୍ରେରୀ କରାଯାଉ ବୋଲି ଦାବି କରାଯାଇଛି। ଏପରିକି ୨୦୦୮ରେ ରାହୁଲ ଗାନ୍ଧୀ ମଧ୍ୟ ସେହି ସ୍ଥାନକୁ ଆସି ସଭା କରିଥିଲେ। ସେହି ସମୟରେ ମଧ୍ୟ ଏହି ପ୍ରସଙ୍ଗରେ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ହେଲେ କେହି ଦୃଷ୍ଟି ଦେଲେ ନାହିଁ। ରାଜୀବ ଗାନ୍ଧୀଙ୍କୁ ହତ୍ୟା କରିଥିବା ଲୋକେ ଏବେ ଜେଲରୁ ମୁକୁଳିଛନ୍ତି। ଦୀର୍ଘ ୩୧ ବର୍ଷ ହୋଇଥିଲେ ମଧ୍ୟ ସେହିସ୍ଥାନରେ ତାଙ୍କର ସ୍ମୃତି ଉଦ୍ଦେଶ୍ୟରେ କିଛି କରାଗଲାନାହିଁ। ଯାହାକୁ ନେଇ ପୂର୍ବତନ ଜିଲା ପରିଷଦ ସଭ୍ୟ ବିଜୟ ଗମାଙ୍ଗ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏଥିସହ ରାଜ୍ୟ ନେତୃତ୍ୱ ଏବଂ କେନ୍ଦ୍ରକୁ ଯାଇ ରାହୁଲ ଗାନ୍ଧୀଙ୍କୁ ଏ ନେଇ ପୁଣି ଦୃଷ୍ଟି ଆକର୍ଷଣ କରିବେ ବୋଲି ବିଜୟ ଗମାଙ୍ଗ କହିଛନ୍ତି। ଏହି ଶ୍ରାଦ୍ଧ ଦିବସରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟ ଇଗାନ ଗମାଙ୍ଗ, ସଭ୍ୟା କୁନି ନିମାଲାଙ୍କ ସମେତ କଂଗ୍ରେସ ନେତା ଏବଂ କର୍ମୀମାନେ ଉପସ୍ଥିତ ଥିଲେ।

# ୩୧୫ ଗାଁକୁ ଏଯାଏ ହୋଇନି ବିଦ୍ୟୁତ୍ ସଂଯୋଗୀକରଣ

ନବରଙ୍ଗପୁର, ୨୧।୫(ବି.ପ୍ର.)

ସ୍ୱାଧୀନତାର ୭୩ ବର୍ଷ ପରେ ମଧ୍ୟ ନବରଙ୍ଗପୁର ଜିଲାର ୩୧୫ଟି ଗାଁକୁ ଏଯାଏ ବିଦ୍ୟୁତ୍ ସଂଯୋଗ ହୋଇପାରିନାହିଁ। ରାଜ୍ୟ ଓ କେନ୍ଦ୍ର ସରକାର ପ୍ରତ୍ୟେକ ଗାଁ ଓ ଘରକୁ ବିଦ୍ୟୁତ୍ ସଂଯୋଗ ପାଇଁ ବ୍ୟାପକ ଅନୁଦାନ ଖର୍ଚ୍ଚ କରୁଛନ୍ତି। ମାତ୍ର ବିଭାଗୀୟ ଅବହେଳା ଲାଗି ୩୧୫ଟି ଗାଁର ଲୋକ ଅନ୍ଧାରରେ ଜୀବନ ବିତାଉଛନ୍ତି। ଦୁର୍ଗମ ଓ ଅଗମ୍ୟ ଅଞ୍ଚଳ ତଥା ଅନୁନ୍ନତ ଜିଲାରେ ମୌଳିକ ଯୋଜନା କିଭଳି କାମ କରୁଛି, ତାହା ଏଥିରୁ ଅନୁମେୟ।

ସମସ୍ତ ଯୋଜନା କିଭଳି ଲୋକାଭିମୁଖୀ ହେବ ସେଥିପାଇଁ ପ୍ରଶାସନ ଓ ଲୋକ ପ୍ରତିନିଧିମାନେ ତତ୍ପର ରହିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ତଥାପି ମୌଳିକ ସମସ୍ୟା ଭଳି ବିଦ୍ୟୁତ୍‌କରଣ ଯୋଜନା ଜିଲାର ୩୧୫ ଗାଁକୁ ପହଞ୍ଚି ପାରିନାହିଁ। ଜିଲାରେ ଥିବା ୮୯୧ ଗାଁ ମଧ୍ୟରୁ ୩୧୫ ଗାଁ ଏବେ ବି ଅନ୍ଧକାର ରହିବା ବିଡ଼ମ୍ବନାର ବିଷୟ। ରାଜୀବ ଗାନ୍ଧୀ ବିଦ୍ୟୁତ୍‌କରଣ ଯୋଜନା ପରବର୍ତ୍ତୀ ସମୟରେ ବିଜୁ ଗ୍ରାମୀଣ ଜ୍ୟୋତି ଯୋଜନା ଓ ଏବେ କେନ୍ଦ୍ରରେ ଭାଜପା ସରକାର ଆସିବା ପରେ ସୌଭାଗ୍ୟ ଯୋଜନା-୧ ଅବଧି ସରିବା ପରେ ଯୋଜନା-୨ ଆରମ୍ଭ ହୋଇଛି। ତଥାପି ଗାଁ ଲୋକଙ୍କୁ ବିଦ୍ୟୁତ୍ ସଂଯୋଗ ମିଳିନି। ବିଦ୍ୟୁତ୍ ବିଭାଗକୁ ସରକାର ପର୍ଯ୍ୟାୟକ୍ରମେ ଘରୋଇ ସଂସ୍ଥା ହାତକୁ ଟେକି ଦେଉଥିବାରୁ ଯୋଜନାଗୁଡ଼ିକ ସଫଳ ରୂପାୟନ ହୋଇପାରୁନାହିଁ ବୋଲି ଅଭିଯୋଗ ହେଉଛି। ସମସ୍ତ ରାଜସ୍ୱ ଗାଁକୁ ବିଦ୍ୟୁତ୍‌କରଣ କରାଯାଇଛି। ବିଭିନ୍ନ କାରଣ ହେତୁ ଜିଲାର ବକେୟା ରହିଥିବା ୩୧୫ଟି ପଡ଼ାଗ୍ରାମକୁ ବିଜୁ ଗ୍ରାମୀଣ ଜ୍ୟୋତି ଯୋଜନା (୨୦୨୨-୨୩) ଓ ସୌଭାଗ୍ୟ ଯୋଜନା-୨ରେ ସାମିଲ କରାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି। ଗମନାଗମନ ଅସୁବିଧା ନ ଥିବା ଗାଁଗୁଡିକରେ ସରକାର ଓରିଡା ସଂସ୍ଥାକୁ ନିୟୋଜିତ କରି ସୋଲାର ସିଷ୍ଟମ ଦ୍ୱାରା ବିଦ୍ୟୁତ୍‌କରଣ କରିବେ ବୋଲି ବିଭାଗ ଜିଲା ପରିଷଦ ତଥା ଜିଲା ଉନ୍ନୟନ ସଂସ୍ଥାକୁ ଲିଖିତ ଭାବରେ ମେ' ୪ରେ ହୋଇଥିବା ଜିଲା ପରିଷଦ ବୈଠକରେ ଏକ ରିପୋର୍ଟ ଉପସ୍ଥାପନ କରିଛନ୍ତି। ଆଉ କେତେବର୍ଷ ପରେ ବିଭାଗ ଓ ଘରୋଇ ଠିକାସଂସ୍ଥା ୩୧୫ ଗାଁକୁ ବିଦ୍ୟୁତ୍‌କରଣ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

# ସବ୍‌ଷ୍ଟେଶନ ଲୋକାର୍ପିତ, ବିଦ୍ୟୁତ୍ ସମସ୍ୟା ସୁଧୁରିବା ଆଶା

## ଗୁଣପୁରରେ ୮୨, ନବରଙ୍ଗପୁରରେ ୩୧ କୋଟିରେ ତିଆରି ହୋଇଛି

ଗୁଣପୁର/ନବରଙ୍ଗପୁର, ୨୧।୫(ଡି.ଏନ୍.ଏ./ବି.ପ୍ର.)

ଲୋକମାନଙ୍କୁ ବିଦ୍ୟୁତ୍ ସୁବିଧା ଯୋଗାଇ ଦେବାକୁ ଶନିବାର ରାୟଗଡ଼ା ଓ ନବରଙ୍ଗପୁରରେ ବିଦ୍ୟୁତ୍ ସବ୍‌ଷ୍ଟେଶନ ଉଦ୍‌ଘାଟିତ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଭର୍ଚୁଆଲ ମୋଡ୍‌ରେ ଉଦ୍‌ଘାଟନ କରିଛନ୍ତି।

ରାୟଗଡ଼ା ଜିଲା ଗୁଣପୁର ଓକିଲଗୁଡ଼ାରେ ୮୨ କୋଟି ଟଙ୍କା ବ୍ୟୟରେ ଗ୍ରୀଡ୍ ସବ୍‌ଷ୍ଟେଶନ ନିର୍ମାଣ କରାଯାଇଛି। ଏଥିରେ ୮୦ ହଜାର ଉପଭୋକ୍ତା ଲାଭବାନ୍ ହେବେ ବୋଲି ରାୟଗଡ଼ା ଓପିଟିସିଏଲ୍ ଡିଜିଏମ୍ ନୀହାର ରଞ୍ଜନ ରଥ ସୂଚନା ଦେଇଛନ୍ତି। ଗୁଣପୁର ସହ ପଦ୍ମପୁର, ରାମନାଗୁଡା, ବିକ୍ରମପୁର, ଜଲତାର ଏବଂ କୋଲନାରାର ଉପଭୋକ୍ତାମାନେ ଉପକୃତ ହେବେ। ଏହି ପ୍ରକଳ୍ପ ଦ୍ୱାରା ଲୋ-ଭୋଲ୍‌ଟେଜ୍‌ରୁ ମୁକ୍ତି ସହ ନୀରବଚ୍ଛିନ୍ନ ବିଦ୍ୟୁତ୍ ସେବା ଉପଲବ୍ଧ ହେବ। ଏଥିସହ ନୌପଡ଼ା-ଗୁଣପୁର ରେଳପଥ ପାଇଁ ମଧ୍ୟ ବିଦ୍ୟୁତ୍ ଯୋଗାଣ ହେବ। ଏଥିଯୋଗୁ ଅଧିକ ଟ୍ରେନ୍ ଏହି ରେଳପଥରେ ଯାତାୟାତ କରିବ ବୋଲି ଡିଜିଏମ୍ କହିଛନ୍ତି। ଗୁଣପୁରଠାରେ ହୋଇଥିବା ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଧାୟକ ରଘୁନାଥ ଗମାଙ୍ଗ, ଜିଲାପାଳ ସରୋଜ କୁମାର ମିଶ୍ର ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ବିବେକାନନ୍ଦ ଶର୍ମା, ଗୁଣପୁର ଉପଜିଲାପାଳ ଜେ. ସୋନାଲଙ୍କ ସମେତ ଜିଲା ଏବଂ ଉପଖଣ୍ଡସ୍ତରର ଅଧିକାରୀ, ବିଦ୍ୟୁତ୍ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ।

ସେହିଭଳି ନବରଙ୍ଗପୁର ସଦର ବ୍ଲକ ଅଧୀନ ତାରାଗାଁରେ ୩୧ କୋଟି ଟଙ୍କା ବ୍ୟୟରେ ବିଦ୍ୟୁତ୍ ଗ୍ରୀଡ୍ ସବ୍‌ଷ୍ଟେଶନ ଉଦ୍‌ଘାଟିତ ହୋଇଯାଇଛି। ଯାନ୍ତ୍ରିକ ତ୍ରୁଟି କାରଣରୁ ଭର୍ଚୁଆଲ ମାଧ୍ୟମରେ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇପାରି ନ ଥିଲା। ନବରଙ୍ଗପୁରରେ ଏମ୍‌ପି ରମେଶ ଚନ୍ଦ୍ର ମାଝି ଏହି ଗ୍ରୀଡ୍‌କୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଏହି ସବ୍‌ଷ୍ଟେଶନ ଦ୍ୱାରା ଜିଲାର ନବରଙ୍ଗପୁର, ତୁଟିଆଗୁଡ଼ା, ସାନମସିଗାଁ ଓ ପାପଡ଼ାହାଣ୍ଡି ଗ୍ରୀଡ୍‌କୁ ସୁବିଧାରେ ବିଦ୍ୟୁତ୍ ସରବରାହ ହେବ। ଏହାସହ ଗ୍ରାମାଞ୍ଚଳରେ ହେଉଥିବା ଲୋ-ଭୋଲ୍‌ଟେଜ୍, ବିଦ୍ୟୁତ୍ କାଟ୍ ଭଳି ସମସ୍ୟାର ସମାଧାନ ହୋଇପାରିବ। ଶନିବାର ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଏମ୍‌ପି ରମେଶ ଚନ୍ଦ୍ର ମାଝି, ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ଜିଲା ପରିଷଦ ଅଧ୍ୟକ୍ଷ ମୋତିରମ ନାୟକ, ଜିଲାପାଳ କମଳ ଲୋଚନ ମିଶ୍ର, ଓପିଟିସିଏଲ୍‌ର ଜେନେରାଲ ମ୍ୟାନେଜର ବିଶ୍ୱରଞ୍ଜନ ମିଶ୍ର, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ରତ୍ନାକର ସାହୁ, ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ଅତିରିକ୍ତ ଏସ୍‌ପି ଜେ. କୃଷ୍ଣ ବେହେରା, ନବରଙ୍ଗପୁର ବିଡିଓ ସୁକାନ୍ତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।



ଗୁଣପୁରରେ ବିଧାୟକ ଏବଂ ରାୟଗଡ଼ା ଜିଲାପାଳ। ନବରଙ୍ଗପୁର ଏମ୍‌ପି ପ୍ରକଳ୍ପ ଉଦ୍‌ଘାଟନ କରୁଛନ୍ତି।

**ମହିଳା ଶ୍ରମଜୀବୀ ସଙ୍ଗଠନର ଆମ ପାଇଁ ପାଣି ଅଭିଯାନ**

ମାଲକାନଗିରି, (ଡି.ଏନ୍.ଏ.)- ମାଲକାନଗିରି ଜିଲାର ୭ଟି ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ ଶ୍ରମଜୀବୀ ସଙ୍ଗଠନ ଓ ମହିଳା ଶ୍ରମଜୀବୀ ସଙ୍ଗଠନ ପକ୍ଷରୁ 'ଆମ ପାଇଁ ପାଣି ' ଅଭିଯାନ ଆରମ୍ଭ କରାଯାଇଛି। ୧୬୦ରୁ ଅଧିକ ଗ୍ରାମରେ ପାନୀୟ ଜଳ ସମସ୍ୟା ରହିଛି। ଏହାର ସମାଧାନ ପାଇଁ ସଙ୍ଗଠନର ସଦସ୍ୟାସଦସ୍ୟମାନେ ସରପଞ୍ଚମାନଙ୍କୁ ପତ୍ର ଦେଇଛନ୍ତି। ବର୍ତ୍ତମାନ ଗ୍ରୀଷ୍ମ ପ୍ରବାହ ଯୋଗୁ ଜିଲାର ବିଭିନ୍ନ ଗ୍ରାମ ଓ ପଡାରେ ପାନୀୟ ଜଳ ସମସ୍ୟା ଦେଖାଦେଇଛି। ନଳକୂପ ଅଚଳ, ଖରାପ ପାଣି ବାହାରିବା, ପାଇପ ପାଣି ଓ ସୋଲାର ଟାଙ୍କି ଦୀର୍ଘ ଦିନ ଧରି କାର୍ଯ୍ୟକ୍ଷମ ନ ହୋଇ ପଡି ରହିଛି। ଲୋକମାନେ ନଦୀ, ଝରଣା ଓ ଚୁଆ ପାଣି ବ୍ୟବହାର କରୁଥିବା ସଙ୍ଗଠନର ଆବାହକ ଘାସିରାମ ଗୁଟା, ଏରେ ମାଡି, ଭାଗୀରଥି ପାଟନିଆ, ଗାଙ୍ଗି ସୋଡି ପ୍ରମୁଖ କହିଛନ୍ତି।

# ଭକ୍ତଙ୍କ ଗହଣରେ ହେବ ରଥଯାତ୍ରା

**ଜୟପୁର, ୨୧।୫(ନି.ପ୍ର.)**


ବୈଠକରେ ଉପସ୍ଥିତ ଅଧିକାରୀମାନେ।

**ଜୟପୁର ଐତିହାସିକ ରଥଯାତ୍ରା ନେଇ ପ୍ରସ୍ତୁତି**
- ଅପରାହ୍ନ ୨ଟାରୁ ହେବ ରଥ ଟଣା, ଅଶ୍ଳୀଳ ଗୀତ ବନ୍ଦ ନିଷ୍ପତ୍ତି
- ଗୁଣ୍ଡିଚା ମନ୍ଦିର ରାସ୍ତା ମରାମତି ନେଇ ନିର୍ଦ୍ଦେଶ ଦେଲେ ବିଧାୟକ
- ରଥ ଉପରେ ରହିବେନି ୨୫ରୁ ଊର୍ଦ୍ଧ୍ୱ ସେବାୟତ

ଜୟପୁରର ଐତିହାସିକ ରଥଯାତ୍ରା ନେଇ ଶନିବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ସ୍ଥାନୀୟ ପୌର ପରିଷଦର ସଭା ଗୃହରେ ହୋଇଥିବା ଏହି ବୈଠକରେ ଉପ ଜିଲାପାଳ ବେଦବର ପ୍ରଧାନ ଅଧକ୍ଷତା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ବିଧାୟକ ତାରା ପ୍ରସାଦ ବାହିନୀପତି ଯୋଗ ଦେଇଥିଲେ। ଗତ ୨ ବର୍ଷ କୋରନା ପାଇଁ ମନ୍ଦିର ପରିସରରେ ରଥଯାତ୍ରା ହେଉଥିବା ବେଳେ ଚଳିତ ବର୍ଷ ଭକ୍ତଙ୍କ ଗହଣରେ ରଥଯାତ୍ରା ହେବ। ବଡଦାଣ୍ଡରେ ମହାପ୍ରଭୁ ଭକ୍ତଙ୍କୁ ଦର୍ଶନ ଦେବେ । ଜୟପୁରରେ ରଥଯାତ୍ରାର ପ୍ରଥମ ଦିନ ପହଣ୍ଡି ହେଉଥିବା ବେଳେ ଦ୍ୱିତୀୟ ଦିନ ରଥଯାତ୍ରା ହୋଇଥାଏ। ସେହି ପରମ୍ପରା ଅନୁସାରେ ରଥଯାତ୍ରା ହେବ । ଅପରାହ୍ନ ୨ ଟାରେ ରଥ ଟଣା ହେବ । ରଥ ଟଣା ସମୟରେ ୨୫ରୁ ଅଧିକ ସେବାୟତ ରଥ ଉପରେ ଚଢିବେ ନାହିଁ ବୋଲି ନିଷ୍ପତ୍ତି ହୋଇଛି । ରଥରେ ଅଶ୍ଳୀଳ ଗୀତ ବନ୍ଦ ହୋଇଥିବା ବେଳେ ଚଳିତବର୍ଷ ରଥଯାତ୍ରା ଦିନ ଓ ବାହୁଡା ଦିନ ମଦ ବିକ୍ରି ବନ୍ଦ ରହବ। ଶାନ୍ତି ଶୃଙ୍ଖଳାରେ ରଥ ଯାତ୍ରା ପାଇଁ ଟ୍ରାଫିକ ବ୍ୟବସ୍ଥା କଡାକଡି କରାଯିବ। ପରିମଳ ବ୍ୟବସ୍ଥା, ଆଲୋକ ବ୍ୟବସ୍ଥା, ସ୍ୱାସ୍ଥ୍ୟ ଓ ସୁରକ୍ଷା, ବିଦ୍ୟୁତ୍‌କରଣ, ପାନୀୟ ଜଳ, ଅଗ୍ନି ନିରାପତ୍ତା ବ୍ୟବସ୍ଥା, ସ୍ୱେଚ୍ଛାକୃତ ସେବା, ରଥ ସମ୍ମୁଖରେ ସାଂସ୍କୃତିକ କାର୍ଯ୍ୟକ୍ରମ ଉପରେ ବୈଠକରେ ଆଲୋଚନା ହୋଇଥିଲା। ଜୟପୁର ବାଙ୍କମଠାରେ ଗୁଣ୍ଡିଚା ମନ୍ଦିର ରହିଛି। ଏହି ରାସ୍ତାକୁ ମରାମତି କରିବା ଲାଗି ବିଧାୟକ ରାସ୍ତା ଓ ଗୃହ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ ତହସିଲଦାର ତଥା ଦେବୋତ୍ତର ଅଧିକାରୀ ପ୍ରଧାନ ଟୁଲ୍ଲି ଆମ୍ନା, ଏସ୍‌ଡିପିଓ ଅରୁପ ଅଭିଷେକ ବେହେରା, ପୌର ଅଧକ୍ଷ ନରେନ୍ଦ୍ର ମହାନ୍ତି, କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ଅତିରିକ୍ତ ତହସିଲଦାର ଅଶ୍ୱିନ ମହାପାତ୍ର , ରାସ୍ତା ଓ ଗୃହ ନିର୍ମାଣ ବିଭାଗର ନିର୍ବାହୀ ଯନ୍ତ୍ରୀ ଭାସ୍କର ସାମନ୍ତରାୟ, ଲୋକ ସମ୍ପର୍କ ବିଭାଗର ଯୋଶଦା ଗାଦବା, ଦେବୋତ୍ତର ଉପଦେଷ୍ଟା କମିଟିର ସଭାପତି ଲାଲୁ ମିଶ୍ରଙ୍କ ସହ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଚଳିତବର୍ଷ ଜୁଲାଇ ୧ ତାରିଖରେ ରଥଯାତ୍ରା ପଡୁଛି।

## ସ୍ୱାଭିମାନ ଅଞ୍ଚଳରେ ବଢୁଛି ବାଲ୍ୟବିବାହ

**ଚିତ୍ରକୋଣ୍ଡା, ୨୧।୫(ଡି.ଏନ୍.ଏ.)**

- ରହୁଥିବା ସମସ୍ୟା ବାଲ୍ୟବିବାହକୁ ପ୍ରୋତ୍ସାହିତ କରୁଛି
- ଘଟଣା ସମ୍ପର୍କରେ ନୀରବ ରହୁଛନ୍ତି ସରକାରୀ କର୍ମଚାରୀ
- ଏଭଳି ଘଟଣା ଘଟିଲେ ଦୃଢ଼ ପଦକ୍ଷେପ ନିଆଯିବ: ଜିଲା ପରିଷଦ ଅଧକ୍ଷା

ମାଲକାନଗିରି ଜିଲା ପ୍ରଶାସନ ଜିଲାରୁ ବାଲ୍ୟ ବିବାହ ରୋକିବାକୁ ଅନେକ ସଚେତନତା କାର୍ଯ୍ୟକ୍ରମ କରୁଛନ୍ତି। ମାତ୍ର ଚିତ୍ରକୋଣ୍ଡା ବ୍ଲକର ସ୍ୱାଭିମାନ ଅଞ୍ଚଳରେ ଏହାର ପ୍ରଭାବ ବିଶେଷ ଭାବେ ପଡୁ ନ ଥିବା ଜଣାପଡିଛି।ଉକ୍ତ ଅଞ୍ଚଳର ରାଲେଗଡ଼ା ପଞ୍ଚାୟତରେ ଅଧିକ ପରିମାଣରେ ବାଲ୍ୟ ବିବାହ ହେଉଥିବା ଅଭିଯୋଗ ହେଉଛି । ୧୩/୧୪ ବର୍ଷର ଝିଅମାନଙ୍କୁ ବିବାହ କରାଯାଉଛି। କେଉଁଠି ନା କେଉଁଠି ରହୁଥିବା ସମସ୍ୟା ବାଲ୍ୟବିବାହକୁ ପ୍ରୋତ୍ସାହିତ କରୁଛି। ଏନେଇ ଗ୍ରାମବାସୀ, ଜନ ପ୍ରତିନିଧିମାନେ ନୀରବ ରହୁଥିବା ଦେଖିବାକୁ ମିଳୁଛି। ସ୍ୱାଭିମାନ ଅଞ୍ଚଳର ବହୁ ପଞ୍ଚାୟତର ଅନେକ ଗ୍ରାମ ଓଡ଼ିଶା ସୀମାନ୍ତ ଆନ୍ଧ୍ରକୁ ଲାଗି ରହିଥିବାରୁ ଏହି ଅଞ୍ଚଳରେ ଅଧିକ ପରିମାଣରେ ବାଲ୍ୟବିବାହ ହେଉଥିବା ଅଭିଯୋଗ ହେଉଛି । ଗତ ଏକ ମାସ ମଧ୍ୟରେ ସ୍ୱାଭିମାନ ଅଞ୍ଚଳ ପଣସପୁଟ ପଞ୍ଚାୟତ ପଣସପୁଟ ଗ୍ରାମର ଜଣେ ୧୪ ବର୍ଷୀୟା ନାବାଳିକାଙ୍କ ନୂଆଗୁଡ଼ା ପଞ୍ଚାୟତ ଆର୍‌ଏସ୍‌ସି ୧୩ ନମ୍ବର ଗ୍ରାମର ଜଣେ ବ୍ୟକ୍ତିଙ୍କ ସହ ବିବାହ ହୋଇଛି। ସେହିପରି ଅଳ୍ପ ଦିନ ହେଲା ରାଲେଗଡ଼ା ପଞ୍ଚାୟତ ସାକୃବନ୍ଧା ଗ୍ରାମର ଜଣେ ଯୁବକଙ୍କ ସହ ସେହି ପଞ୍ଚାୟତ ତାଟିପାର ଗ୍ରାମର ଜଣେ ୧୪ ବର୍ଷର ଝିଅ ସହିତ ବାଲ୍ୟବିବାହ କରାଯାଇଥିଲା। ଏହା ଜାଣିବା ପରେ ସିଡିପିଓ ପବିତ୍ର ହାଜରା ପାପରମେଟେଲା ଥାନା ସହଯୋଗରେ ବିବାହକୁ ରୋକିଥିଲେ।

ସେହିଭଳି ୫ଦିନ ତଳେ ଅଣ୍ଡିରାପାଲି ପଞ୍ଚାୟତ କୋଡ଼ିଗନ୍ଧି ଗ୍ରାମର ଜଣେ ୧୪ ବର୍ଷୀୟା ଝିଅର ମାତାପିତାଙ୍କ ଅନିଚ୍ଛା ସତ୍ତ୍ୱେ ରାଲେଗାଡ଼ା ଗ୍ରାମର ଜଣେ ଯୁବକ ବିବାହ ପାଇଁ ନେଇଯାଇଛନ୍ତି। ଆଇସିଡିଏସ୍ ପକ୍ଷରୁ ଏହି ବିବାହ ବନ୍ଦ ଉଦ୍ୟମ କରାଯାଉଛି। ଏ ସମ୍ପର୍କରେ ରାଲେଗାଡ଼ା ସରପଞ୍ଚ କମଲୁ ହନ୍ତାଲଙ୍କୁ ପଚାରିବାରୁ ପଞ୍ଚାୟତରେ ଦୁଇଟି ବାଲ୍ୟବିବାହକୁ ରୋକିଛୁ। ପଞ୍ଚାୟତର ଗ୍ରାମ ସ୍ତରରେ କାମ କରୁଥିବା କେତେଜଣ ସରକାରୀ କର୍ମଚାରୀ ଗ୍ରାମରେ ରହି କାମ କରୁନାହାନ୍ତି। ଯଦି ରହୁଛନ୍ତି କେଉଁ ଗ୍ରାମରେ କିଛି ଏଭଳି ଘଟଣା ଘଟିଲେ ନ ଜଣାଇ ନୀରବ ରହିଯାଉଛନ୍ତି ବୋଲି ସରପଞ୍ଚ ହନ୍ତାଳ ଅଭିଯୋଗ କରିଛନ୍ତି। ସେହିଭଳି ମାଲକାନଗିରି ଜିଲା ପରିଷଦ ଅଧକ୍ଷା ସମାରି ଟାଙ୍ଗୁଲଙ୍କୁ ପଚାରିବାରୁ ବାଲ୍ୟବିବାହରେ ରୋକ ଲାଗିବା ଆବଶ୍ୟକ। ଯେଉଁଠି ଏଭଳି ଘଟଣା ଘଟିଲେ ଦୃଢ଼ ପଦକ୍ଷେପ ନିଆଯିବ।

## ସଂକ୍ଷେପରେ

### ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ୪ ଗୋରୁ ମୃତ

ଦଶମନ୍ତପୁର, ୨୧।୫ ( ଡ଼ି.ଏନ.ଏ.)- କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଚିକ୍ରାମ୍ବ ପଞ୍ଚାୟତର ତୁନଖାଲ ଗ୍ରାମରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ୪ ଗୋରୁଙ୍କ ମୃତ୍ୟୁ ହୋଇଛି। ଶୁକ୍ରବାର ଝଡ ତୋଫାନରେ ତୁନଖାଲ ଗ୍ରାମଠାରୁ ୩୦୦ ମିଟର ଦୂରରେ ଥିବା ବୋଲାଣିପଦାଠାରେ ବିଦ୍ୟୁତ୍ ତାର ଛିଣ୍ଡି ପଡିଥିଲା। ଏହା ଏକ ଗୋରୁଚୋରା ସ୍ଥାନ ଯୋଗୁ କାହାର ନଜର ପଡିନଥିଲା। ଶନିବାର କେତେକ ଚାଷୀ ସେମାନଙ୍କ ଗୋରୁଙ୍କୁ ଚରିବା ପାଇଁ ଛାଡ଼ି ଦେଇଥିଲେ। ଗୋରୁ ବୋଲାଣି ପଦାରେ ଚରୁଥିବା ବେଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ୪ଟି ଗୋରୁଙ୍କ ମୃତ୍ୟୁ ହୋଇଛି। ମୃତ ଗୋରୁଙ୍କ ମଧରେ ଗ୍ରାମର ଉଦ୍ଧବ ମୁଦୁଲିଙ୍କ ୨ଟି, ରତନ ମୁଦୁଲିଙ୍କ ଗୋଟିଏ ଏବଂ ପବିତ୍ର ମୁଦୁଲିଙ୍କର ଗୋଟିଏ ରହିଛି। ଏନେଇ ଗୋରୁମାଲିକମାନେ ଦୁଃଖରେ ଭାଙ୍ଗି ପଡିଛନ୍ତି।

### ଚୋରି ମାମଲାରେ ଜଣେ ଗିରଫ

ଜୟପୁର ୨୧।୫ (ନି.ପ୍ର.)-ଜୟପୁର ଟାଉନ ଥାନା ପୋଲିସ ଏକ ଚୋରି ମାମଲାରେ ଜଣଙ୍କୁ ଗିରଫ କରିଛି । ସେ ହେଲେ କୁନ୍ଦାରିଗୁଡ଼ାର ଶିବ ମୁଦୁଲି। ପୁରୁଣାଗଡ଼ର ଆନିମ୍ୟା ସିଂଙ୍କ ଦୋକାନରୁ ଶିବ ମୋବାଇଲ, ବିସ୍କୁଟ, ସିଗାରେଟ୍ ସହ କିଛି ଟଙ୍କା ଚୋରି କରିଥିବା ନେଇ ଅଭିଯୋଗ ହୋଇଥିଲା ବୋଲି ଟାଉନ ଥାନା ଅଧିକାରୀ ସଞ୍ଜୟ ମଣ୍ଡଳ କହିଛନ୍ତି।

### ବ୍ୟାଙ୍କମିତ୍ରଙ୍କ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ



ଏମ୍‌ଭି ୭୯,୨୧।୫(ଡି.ଏନ.ଏ.)- ମାଲକାନଗିରି ଜିଲା କାଲିମେଲା ବ୍ଲକ ଅଧୀନ ତାଣ୍ଡବାଇ ପଞ୍ଚାୟତରେ ଶନିବାର ବ୍ୟାଙ୍କମିତ୍ରଙ୍କ ପକ୍ଷରୁ ବୀମା ଏବଂ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ବ୍ୟାଙ୍କରଣ, ପେନ୍‌ସନ, ବୀମା ଯୋଜନା ସହ ଅନ୍ୟାନ୍ୟ ସୁବିଧା ସୁଯୋଗ ସମ୍ପର୍କରେ ବ୍ୟାଙ୍କମିତ୍ର ସୁପ୍ରିୟା ଜେନା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଏବଂ ପଞ୍ଚାୟତର ସିଆର୍‌ପିମାନଙ୍କୁ ଅବଗତ କରାଇଥିଲେ। ଓଡ଼ିଶା ଜୀବିକା ମିଶନ, ମିଶନ ଶକ୍ତି ପକ୍ଷରୁ ହୋଇଥିବା ଏହି କାର୍ଯ୍ୟକ୍ରମରେ ତାଣ୍ଡବାଇ ସରପଞ୍ଚ ସତ୍ୟମ ମାଡକାମୀ, ଏମ୍‌ବିକେ ଅଞ୍ଜଳି ମକାଲ ଉପସ୍ଥିତ ଥିଲେ।

### ଆଇଡି ବିସ୍ଫୋରଣରେ ଯବାନ ଗୁରୁତର

ମାଲକାନଗିରି,୨୧।୫(ଡି.ଏନ.ଏ.)- ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ରେ ଶନିବାର ଆଇଡି ବିସ୍ଫୋରଣରେ ଜଣେ ଯବାନ ଗୁରୁତର ଆହତ ହୋଇଛନ୍ତି। ଛତିଶଗଡ଼ର ନେଲସନାର ଥାନା ଅନ୍ତର୍ଗତ ପାଣ୍ଡେମଗା ନିକଟରେ ଏହି ଘଟଣା ଘଟିଛି। ଯବାନମାନେ କୋମ୍ବିଂ ଅପରେଶନ କରୁଥିବା ବେଳେ ମାଓବାଦୀଙ୍କ ଦ୍ୱାରା ଖଞ୍ଜାଯାଇଥିବା ଆଇଡି ବିସ୍ଫୋରଣ ହୋଇଥିଲା। ଏଥିରେ ଗୁରୁତର ହୋଇଥିବା ଯବାନଙ୍କ ଡାହାଣ ଗୋଡ଼ରେ ଗଭୀର ଆଘାତ ଲାଗିଛି। ତାଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ଲାଗି ଦନ୍ତେୱାଡା ସ୍ଥାନାନ୍ତର କରାଯାଇଛି। ସମ୍ପୃକ୍ତ ଅଞ୍ଚଳରେ କୋମ୍ବିଂ ଅପରେଶନ ଜୋର୍‌ଦାର କରାଯାଇଛି।

### ୨୫୩ କେଜି ଗଞ୍ଜେଇ ଜବତ, ୪ ଗିରଫ,

ଚିତ୍ରକୋଣ୍ଡା,୨୧।୫(ଡି.ଏନ.ଏ)- ଚିତ୍ରକୋଣ୍ଡା ଥାନା ଅନ୍ତର୍ଗତ ମନ୍ତ୍ରୀଫୁଟ ଛକଠାରୁ ପୋଲିସ ୨୫୩ କେଜି ୩୦୦ ଗ୍ରାମ ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ୪ ଜଣ ଙ୍କୁ ଗିରଫ କରିଛି। ସେମାନେ ହେଲେ ବିହାରର ସୁନୀଲ କୁମାର, ହରେନ୍ଦ୍ର କୁମାର, ବିଜେନ୍ଦ୍ର କୁମାର ଏବଂ ଏମ୍‌ଭି-୩୩ ଗ୍ରାମର ପ୍ରକାଶ ସରଦାର। ଜବତ ଗଞ୍ଜେଇର ମୂଲ୍ୟ ୨୫ ଲକ୍ଷ ଟଙ୍କା ହେବ। କେସ୍ ନଂ. ୬୨/୨୨। ମନ୍ତ୍ରୀଫୁଟ ଛକଠାରେ ଗାଡି ମୋଟର ଯାଞ୍ଚ ସମୟରେ ପୋଲିସ ଏହି ଚୋରାଚାଲାଣ ଧରିଥିଲା ବୋଲି ଏସଡିପିଓ ଅଂଶୁମାନ ଦ୍ୱିବେଦୀ କହିଛନ୍ତି।

### କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ମାଲକାନଗିରି,୨୧।୫(ଡି.ଏନ.ଏ.)- କାଲିମେଲା ବ୍ଲକ କୋଇମେଟଲା ପଞ୍ଚାୟତ ଅନ୍ତର୍ଗତ ମାରନପଲ୍ଲୀ ଗ୍ରାମରେ ମାରନପଲି ଯୁବ କମିଟି ପକ୍ଷରୁ ଏକ କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଉଦଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସରପଞ୍ଚ ମୁନା ପଡିଆମୀ ସମ୍ମାନିତ ଅତିଥି ରୂପେ ମାରନପଲ୍ଲୀ ୱର୍ଡମେମ୍ବର ରାଜେନ୍ଦ୍ର ପଡ଼ିଆମି, ୱଡମେମ୍ବର ଅସିମ ହାଲଦାର, ଜିଆରଏସ ଉତ୍ତମ ମିସ୍ତ୍ରୀ, ଦେବା ବାଞ୍ଜାମି, ଦେବାଶିଷ ହାଲଦାର,ଗଙ୍ଗା ମାଡକାମି, ଅଜିତ ବିଶ୍ୱାସ ପ୍ରମୁଖ ଉପସ୍ଥିତ ଥିଲେ। ଟୁର୍ନାମେଣ୍ଟ ୭ ଦିନ ଧରି ଚାଲିବ ବୋଲି ଯୁବ କମିଟି ସଭାପତି ସୁକଦେବ ମାଡ଼କାମୀ ଓ ସମ୍ପାଦକ ଗଣେଶ ବଞ୍ଜମୀ କହିଛନ୍ତି। ଆଜି ପ୍ରଥମ ଦିନ ମୁରବାନପଲ୍ଲୀ ସହ ଉଣ୍ଡରୁକୋଣ୍ଡା ମଧରେ ଉଦ୍‌ଘାଟନୀ ମ୍ୟାଚ ହୋଇଛି।

## ଦୋଷୀଙ୍କୁ ଦୋଷମୁକ୍ତ କଲେ ବିଇଓ

**କୋରୁକୋଣ୍ଡା,୨୧।୫(ଡି.ଏନ୍.ଏ.)**

**ଜାତୀୟ ପତାକାକୁ ଅସମ୍ମାନ ପ୍ରସଙ୍ଗ**

ଗତ ଫେବୃୟାରୀ ୧୮ରେ କୋରୁକୋଣ୍ଡା ବ୍ଲକ ସଦର ପଞ୍ଚାୟତ ଶାରଦାଗୁଡ଼ା ଗ୍ରାମ ପ୍ରାଥମିକ ବିଦ୍ୟାଳୟରେ ତ୍ରିସ୍ତରୀୟ ନିର୍ବାଚନ ପାଇଁ ଭୋଟ ଗ୍ରହଣ କେନ୍ଦ୍ର କରାଯାଇଥିଲା। ସେହି ଗୃହର ଗୋଟିଏ ଝାରକାରେ ଆମ ଦେଶର ଗୌରବ ଜାତୀୟ ପତାକାକୁ ଅଲୋଡ଼ା ଭାବେ ମୋଡ଼ି ରଖାଯାଇଥିବା ଦେଖିବାକୁ ମିଳିଥିଲା। ଗୋଟିଏ ଶିକ୍ଷାନୁଷ୍ଠାନରେ ଏପରି ଦୃଶ୍ୟ ଦେଖିବା ପରେ ଏନେଇ ୧୯ରେ ଖବର ପ୍ରକାଶ ପାଇଥିଲା। ବ୍ଲକ ଶିକ୍ଷାଧିକାରୀ(ବିଇଓ) ପତିତପାବନ ଦାସଙ୍କୁ ଏନେଇ ଅବଗତ କରାଯାଇଥିଲା। ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସେ କହିଥିଲେ। ଏବେ ଘଟଣାର ୩ମାସ ବିତିଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ବିଇଓ ଦାସଙ୍କୁ ପଚାରିବାରୁ ସେ କହିଥିଲେ, ସେତେବେଳେ ପ୍ରଧାନ ଶିକ୍ଷକ ଉକ୍ତ ଶ୍ରେଣୀଗୃହ ଥାକ ଉପରେ ପତାକାଟିକୁ ରଖିଦେଇଥିଲେ। ଜାତୀୟ ପତାକାକୁ ଅସମ୍ମାନ କରାଯାଇ ନ ଥିବା ଗ୍ରାମବାସୀ ମଧ୍ୟ ମତ ଦେଇଛନ୍ତି। ଫଳରେ ପ୍ରଧାନ ଶିକ୍ଷକଙ୍କ ବିରୋଧରେ କିଛି କାର୍ଯ୍ୟାନୁଷ୍ଠାନ ହୋଇନାହିଁ ବୋଲି ଦାସ କହିଛନ୍ତି।

## ପତଞ୍ଜଳି ଯୋଗ ସମିତିର ରାଜ୍ୟ ପ୍ରଭାରୀଙ୍କ ଦାମନଯୋଡ଼ି ଗସ୍ତ

**ଦାମନଯୋଡି,୨୧।୫(ଡି.ଏନ.ଏ.)**

ପତଞ୍ଜଳି ଯୋଗ ସମିତି ଓଡ଼ିଶାର ରାଜ୍ୟ ପ୍ରଭାରୀ ରାଧାମାଧବ ବହିଦାର ଦାମନଯୋଡ଼ିସ୍ଥିତ ପତଞ୍ଜଳି ଯୋଗ ସମିତି ପରିଦର୍ଶନରେ ଆସି ଫେରିଯାଇଛନ୍ତି। ନାଲ୍‌କୋ କମ୍ୟୁନିଟି ସେଣ୍ଟରଠାରେ ଚାଲିଥିବା ଦୈନିକ ଯୋଗ ଶିବିର ପରିଦର୍ଶନକରି ସେ ଶିବିରାର୍ଥୀଙ୍କ ସହ ଆଲୋଚନା କରିଥିଲେ। ସେ ଅଷ୍ଟାଙ୍ଗ ଯୋଗ ବିଷୟରେ ବ୍ୟାଖ୍ୟାକରି ଏହାଦ୍ୱାରା ମଣିଷ କିପରି ସୁସ୍ଥ ,ସବଳ ଓ ନୀରୋଗ ରହିପାରିବ ସେ ସମ୍ପର୍କରେ ବୁଝାଇଥିଲେ। ଦାମନଯୋଡ଼ିଠାରେ ଦୀର୍ଘ ୧୫ ବର୍ଷ ହେଲା ନିଃଶୁଳ୍କ ଯୋଗ ପ୍ରଶିକ୍ଷଣ ଶିବିର ଚାଲିଛି। ଶିବିରରେ ସ୍ଥାନୀୟ ଅଞ୍ଚଳର ଲୋକେ ଯୋଗ ଶିକ୍ଷା ଲାଭ କରୁଥିବା ଯୋଗ ଶିକ୍ଷକ ଡ. ନିରୋଦ ପ୍ରଧାନ କହିଛନ୍ତି। ଏହି ସମୟରେ ଭାଇ ଭୀମ ରାଓ, ଶାନ୍ତି ରଞ୍ଜନ ଚକ୍ରବର୍ତ୍ତୀ, ଗାନ୍ଧୀ ସାହୁ,ଗୌରୀ ଖିଲ , ଅନିତା ଖରାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ସଡ଼କ ସୁରକ୍ଷା ସମ୍ପର୍କିତ ଭିଡିଓ, ଚଳଚ୍ଚିତ୍ର ପ୍ରସ୍ତୁତ କରି ପଠାଇବାକୁ ପରାମର୍ଶ

**ମାଲକାନଗିରି,୨୧।୫(ଡି.ଏନ୍.ଏ.)**

ସଚେତନତା ଅଭାବରୁ ଦୁର୍ଘଟଣାରେ ଅନେକ ମୂଲ୍ୟବାନ୍ ଜୀବନ ଚାଲିଯାଉଛି। ରାଜ୍ୟ ସରକାର ସଡ଼କ ସୁରକ୍ଷା ନିମନ୍ତେ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଥିଲେ ମଧ କେତେଜଣ ଅମାନିଆ ନିୟମକୁ ବେଖାତିର କରି ମୃତ୍ୟୁ ମୁଖରେ ପଡୁଛନ୍ତି। ଲୋକଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ସଡ଼କ ସୁରକ୍ଷା ସମ୍ବନ୍ଧୀୟ ସଚେତନତା ବାର୍ତ୍ତା ସହ ଭିଡିଓ ଏବଂ କ୍ଷୁଦ୍ର ଚଳଚ୍ଚିତ୍ର ନିର୍ମାଣ କରି ଜିଲାପାଳଙ୍କ ଜରିଆରେ ପଠାଇବାକୁ କୁହାଯାଇଛି। ଜୁନ୍ ୧୮ ଓ ୧୯ରେ ରାଉରକେଲାଠାରେ ଓ ୨୪ ଓ ୨୫ ତାରିଖ ପୁରୀଠାରେ ହେବାକୁ ଥିବା ଜାତୀୟ ସଡ଼କ ସୁରକ୍ଷା ଉତ୍ସବରେ ଏହି କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶନ କରାଯିବ। ଏଥିରେ ଯୋଗ୍ୟ ବିବେଚିତ ହୋଇଥିବା ଚଳଚ୍ଚିତ୍ରକୁ ରାଜ୍ୟ ସରକାରଙ୍କ ପକ୍ଷରୁ ୪ ଲକ୍ଷ ଟଙ୍କା ଅର୍ଥ ରାଶି ଦେଇ ପୁରସ୍କୃତ କରାଯିବା ବ୍ୟବସ୍ଥା ରହିଛି।

## କୋରାପୁଟରେ ଶିଶୁ ସୁରକ୍ଷା ସମ୍ପର୍କିତ କର୍ମଶାଳା

**କୋରାପୁଟ,୨୧।୫(ସ୍ୱ.ପ୍ର.)**


କର୍ମଶାଳାରେ ଉପସ୍ଥିତ ଅତିଥି ।

କୋରାପୁଟ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର ସଭାଗୃହରେ ଶିଶୁ ସୁରକ୍ଷା ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଶିଶୁମାନଙ୍କ ସହିତ ହେଉଥିବା ଯୌନ ଉତ୍ପୀଡ଼ନ, ବାଲ୍ୟବିବାହ ଓ ଅନ୍ୟାନ୍ୟ ସମସ୍ୟା ଉପରେ କର୍ମଶାଳାରେ ଆଲୋଚନା କରାଯାଇଥିଲା । ଜିଲା ଶିଶୁ ମଙ୍ଗଳ ସମିତି ପକ୍ଷରୁ ପ୍ରଭାତ କୁମାର ବିଡିକା, ଧର୍ମେନ୍ଦ୍ର ଜେନା ଓ ସସ୍ମିତା ସାହୁ କର୍ମଶାଳାରେ ଯୋଗଦେଇ ଶିଶୁମାନଙ୍କ ସୁରକ୍ଷାରେ ଜିଲା ଶିଶୁ ମଙ୍ଗଳ ସମିତିର ଭୂମିକା ଉପରେ ସୂଚନା ଦେଇଥିଲେ। ପିକକ୍‌ର ରାଜ୍ୟ ସଂଯୋଜକ ଚନ୍ଦନ ନାୟକ ଯୋଗଦେଇ ରାଜ୍ୟରେ ଶିଶୁ ଯୌନ ଉତ୍ପୀଡ଼ନ ସମସ୍ୟା ବିଷୟରେ ଆଲୋକପାତ କରିବା ସହିତ ଏହାର ପ୍ରତିକାର ନିମନ୍ତେ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ପ୍ରକାଶ କରିଥିଲେ। ଏକତା ଅନୁଷ୍ଠାନର ସଭାପତି ଦୁର୍ଗାପ୍ରସାଦ ମହାନ୍ତି ଅଧକ୍ଷତା କରିଥିଲେ । କର୍ମଶାଳାରେ ଉପସ୍ଥିତ ଜିଲାର ଗଣମାଧ୍ୟମ ପ୍ରତିନିଧିମାନେ ଶିଶୁ ସୁରକ୍ଷା ନେଇ ନିଜ ମତ ରଖିଥିଲେ । ଶଙ୍କର ରାଉତ ଧନ୍ୟବାଦ ଦେଇଥିଲେ।

## ବାଟୋଇଙ୍କ ପାଇଁ ପାନୀୟ ଜଳ ସୁବିଧା କଲେ ଅନିଲ

**ଚିତ୍ରକୋଣ୍ଡା,୨୧।୫(ଡି.ଏନ୍.ଏ.)**

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ଦୈନିକ ମାର୍କେଟର ବ୍ୟବସାୟୀ ଅନିଲ ଗୁପ୍ତା ନିଜସ୍ୱ ଉଦ୍ୟମରେ ପଞ୍ଜାବୀ ଛକ ନିକଟସ୍ଥ ମୁଖ୍ୟ ରାସ୍ତା ପାର୍ଶ୍ୱରେ ଜନସାଧାରଣଙ୍କ ପାଇଁ ପାନୀୟ ଜଳ ବ୍ୟବସ୍ଥା କରିଛନ୍ତି। ଏହି ମାର୍କେଟକୁ ପ୍ରତ୍ୟହ ବ୍ଲକର ୧୮ ପଞ୍ଚାୟତର ଲୋକ ବିଭିନ୍ନ ସାମଗ୍ରୀ କ୍ରୟ ଲାଗି ଆସିଥାନ୍ତି। ଗୁପ୍ତାଙ୍କ ଏଭଳି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି।

## ଜଳିଗଲା ହାର୍ଡୱେର ଦୋକାନ

**ଜୟପୁର, ୨୧।୫ (ନି.ପ୍ର.)**

ଶୁକ୍ରବାର ବିଳମ୍ବିତ ରାତିରେ ଜୟପୁରର ଏକ ହାର୍ଡୱେର ଦୋକାନରେ ଅଗ୍ନିକାଣ୍ଡ ଘଟି ୭ ଲକ୍ଷ ଟଙ୍କାର ସାମଗ୍ରୀ ପୋଡି ନଷ୍ଟ ହୋଇଯାଇଛି। ଏମଜିରୋଡସ୍ଥିତ ଏହି ହାଡୱେର ଦୋକାନରେ ନିଆଁ ଲାଗିବା ଦେଖି ସ୍ଥାନୀୟ ଲୋକେ ଦମକଳବାହିନୀକୁ ଖବର ଦେଇଥିଲେ। ଦମକଳବାହିନୀ କର୍ମଚାରୀ ପହଞ୍ଚି ଦୀର୍ଘ ୧ ଘଣ୍ଟା ଲାଗି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡର କାରଣ ଜଣାପଡି ନାହିଁ। ତେବେ ଶର୍ଟସର୍କିଟ ଯୋଗୁ ଏପରି ଘଟିଥିବା ସନ୍ଦେହ କରାଯାଉଛି।


ଅଗ୍ନିଶମ କର୍ମଚାରୀ ନିଆଁକୁ ଆୟତ୍ତ କରୁଛନ୍ତି।

## ନଡ଼ିଆ ବୋଝେଇ ଟ୍ରକ୍‌ରୁ ୮ କୁଇଣ୍ଟାଲ ଗଞ୍ଜେଇ ଜବତ

**କୋରାପୁଟ/ଜୟପୁର, ୨୧।୫ (ସ୍ୱ.ପ୍ର./ନି.ପ୍ର.)**

**ବଜାର ମୂଲ୍ୟ ହେବ ୪୧ ଲକ୍ଷ, ଜଣେ ଗିରଫ**

ବାହାର ରାଜ୍ୟକୁ ନଡ଼ିଆ ବୋଝେଇ ଟ୍ରକ୍‌ରେ ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇ ଜୟପୁର ଅବକାରୀ ବିଭାଗ ଏହା ଉପରେ ଚଢ଼ାଉ କରି ଧରିଛି। ଏଥିରେ ସମ୍ପୃକ୍ତ ଥିବା ଜଣଙ୍କୁ ଗିରଫ କରାଯାଇଛି । ସେ ହେଲେ ବିହାରର ପ୍ରଭୁ ଜାନି । ଜବତ ଗଞ୍ଜେଇର ପରିମାଣ ୮ କୁଇଣ୍ଟାଲ ୨୦ କେଜି ବୋଲି ଜଣାପଡିଛି। ଖବରରୁ ଜଣାପଡ଼ିଛି, ଏକ ନଡ଼ିଆ ବୋଝେଇ ଟ୍ରକ୍‌ରେ କୋରାପୁଟ ପଟୁ ଜୟପୁର ଦେଇ ଗଞ୍ଜେଇ ଚାଲାଣ ହେଉଥିବା ସୂଚନା ମିଳିଥିଲା। ଏହାକୁ ଆଧାରକରି ଅବକାରୀ କମିଶନର ଆଶିଷ କୁମାର ସିଂଙ୍କ ନିର୍ଦ୍ଦେଶରେ ଜୟପୁର ଘାଟିରେ ଟ୍ରକ୍ (ବିଆର୍ ୨୫ ଜି- ୯୫୩୬)କୁ ଅଟକାଇ କର୍ମଚାରୀମାନେ ଯାଞ୍ଚ କରିଥିଲେ। ଟ୍ରକ୍‌ରୁ ଉପରୋକ୍ତ ପରିମାଣର ଗଞ୍ଜେଇ ମିଳିଥିଲା। ଏହାର ବଜାର ମୂଲ୍ୟ ୪୧ ଲକ୍ଷ ଟଙ୍କା ହେବ । ଏହି ଚଢ଼ାଉରେ କୋରାପୁଟ ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ମନୋଜ ସେଠୀ, ଅବକାରୀ ନିରୀକ୍ଷକ ଦୁର୍ବାଦଳ ବିଶ୍ୱାଳ, ଓଆଇସି ସଞ୍ଜୟ ତାଣ୍ଡି, ଏଏସ୍‌ଆଇ ଏମ୍. ଲକ୍ଷ୍ମଣ ରାଓ, ମାଧବେଶ ମାରାଣ୍ଡି ପ୍ରମୁଖ ସାମିଲ ହୋଇଥିଲେ।



ଜବତ ଗଞ୍ଜେଇ ଏବଂ ଗିରଫ ଅଭିଯୁକ୍ତ।

## ପୋଲିସ ଉପରେ ଆକ୍ରମଣ ଘଟଣାରେ ୬ଜଣଙ୍କ ଆତ୍ମସମର୍ପଣ

**କୋରାପୁଟ,୨୧।୫(ସ୍ୱ.ପ୍ର.)**

ଜଣେ ଗଞ୍ଜେଇ ବ୍ୟବସାୟୀଙ୍କୁ ରାତିରେ ଧରିବାକୁ ଯାଇଥିବା ମାଲକାନଗିରି ପୋଲିସ ଉପରେ ମାଟିଖାଲ ଗ୍ରାମର ଗ୍ରାମବାସୀ ସେମାନଙ୍କୁ ଚୋର ଭାବି ଗତ ୧୪ ତାରିଖରେ ଆକ୍ରମଣ କରିଥିଲେ। ପରେ ପୋଲିସ ଗ୍ରାମକୁ ଅଭିଯୁକ୍ତମାନଙ୍କୁ ଗିରଫ କରିବା ଲାଗି ଯାଇଥିବା ବେଳେ ଗ୍ରାମ ପୁରୁଷଶୂନ୍ୟ ହୋଇଯାଇଥିଲା। ଏହି ଘଟଣାରେ ଶନିବାର ୬ ଜଣ ଆତ୍ମସମର୍ପଣ କରିଛନ୍ତି। ସେମାନେ ହେଲେ ଗ୍ରାମର ଡମ ମାଳିଙ୍କ ପୁଅ ଧନ ମାଳି, ଗୁରୁପାଙ୍ଗୀଙ୍କ ପୁଅ ମିଶ୍ର ପାଙ୍ଗୀ, କ୍ରିଷ୍ଣ ପାଙ୍ଗୀଙ୍କ ପୁଅ ସପୁରା ପାଙ୍ଗୀ, ଘେନୁ ଖିଲଙ୍କ ପୁଅ ଶ୍ରୀଧର ଖିଲ, କୁମୁତି ପାଙ୍ଗୀଙ୍କ ପୁଅ ମାଧବ ପାଙ୍ଗୀ ଏବଂ ଗୁରୁ ବାଳିଙ୍କ ପୁଅ ଶ୍ୟାମ ମାଳି ବୋଲି ଅତିକ୍ତ ଏସ୍‌ପି ଉତ୍କଳ କିଶୋର ଦାସ କହିଛନ୍ତି। ସୂଚନାଯୋଗ୍ୟ ଏହି ଗ୍ରାମରେ ଗଞ୍ଜେଇ ଚୋରା ଚାଲାଣ ଧରିବାକୁ ପୋଲିସର ଏକ ୩୦ ଜଣିଆ ଟିମ୍ ସାଦା ପୋଷାକରେ ଯାଇଥିଲେ। ମାତ୍ର ସେମାନଙ୍କୁ ଚୋର ଭାବି ଗ୍ରାମବାସୀ ନିସ୍ତୁକ ମାଡ ମାରିବା ସହ ଜଣଙ୍କୁ ଅଟକ ରଖିଥିଲେ। ପରେ ମାଛକୁଣ୍ଡ ପୋଲିସ ଖବର ପାଇ ସେଠାରେ ପହଞ୍ଚି ଅଟକ ଥିବା କର୍ମଚାରୀଙ୍କୁ ମୁକାଳି ଆଣିଥିଲା।

## ଖୁବ୍ ଶୀଘ୍ର ଆରମ୍ଭ ହେବ ବାଇପାସ୍ କାର୍ଯ୍ୟ

**କୋରାପୁଟ,୨୦।୫(ସ୍ୱ.ପ୍ର.)**

କୋରାପୁଟ ସହରରେ ଦୀର୍ଘଦିନ ଧରି ପ୍ରସ୍ତାବିତ ଥିବା ବାଇପାସ୍ ରାସ୍ତା ଏବେ ଆରମ୍ଭ ହେବାକୁ ଯାଉଛି। ଏଥିନେଇ ଜାତୀୟ ରାଜପଥ ବିଭାଗ ପକ୍ଷରୁ ୭୦ କୋଟି ଟଙ୍କାର ଏକ ପ୍ରସ୍ତାବ ପଠାଯାଇଛି। କେନ୍ଦ୍ର ଜାତୀୟ ରାଜପଥ ମନ୍ତ୍ରଣାଳୟରୁ କୋରାପୁଟ ବାଇପାସ୍ ନିମନ୍ତେ ପୁଣି ଥରେ ଯୋଜନା ପ୍ରସ୍ତୁତ କରିବା ଲାଗି ନିର୍ଦ୍ଦେଶ ଆସିଥିଲା। ଏହି ରାସ୍ତା ୪.୫ କି.ମି. ନିର୍ମାଣ ହେବ । ପୂର୍ବରୁ ଏଥିପାଇଁ ୪୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା। ଜାତୀୟ ରାଜପଥ ବିଭାଗ ପକ୍ଷରୁ ମଧ ନୋଟିଫିକେଶନ ପ୍ରକାଶ ପାଇଥିଲା। ମାତ୍ର ରେଲୱେ ଜମି ଦେଇ ଯିବାକୁ ଥିବା ଏହି ବାଇପାସ୍ ରାସ୍ତା ପାଇଁ ରେଲୱେ ଜମି ଦେବ ନାହିଁ ବୋଲି କହିବାରୁ ଏହି ରାସ୍ତା କାର୍ଯ୍ୟ ଶୀତଳ ଭଣ୍ଡାରକୁ ଚାଲିଯାଇଥିଲା। ପରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ କୋରାପୁଟ ଗସ୍ତ ସମୟରେ ବାଇପାସ୍ ପାଇଁ ରହିଥିବା ସମସ୍ୟାର ସମାଧାନ ହୋଇଥିଲା। ଏବେ ଏହି ବାଇପାସ୍ ରାସ୍ତା ନିମନ୍ତେ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଆସିବା ପରେ ଜିଲାପାଳଙ୍କ ନିର୍ଦ୍ଦେଶରେ ଜାତୀୟ ରାଜପଥ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ, ତହସିଲଦାର, ଅତିରିକ୍ତ ଜିଲାପାଳ ରାମେଶ୍ୱର ପ୍ରଧାନଙ୍କ ସମେତ ବିଭାଗୀୟ ଅଧିକାରୀମାନେ ରେଲୱେ ପଡ଼ିଆ, ଗୌତମନଗର, କଲେଜ ଛକ, ଜୟପୁର ରୋଡ୍ ଆଦି ଅଞ୍ଚଳ ପରିଦର୍ଶନ କରିଥିବା ନିର୍ବାହୀ ଯନ୍ତ୍ରୀ ସୌମ୍ୟାଦିନ ସେଠୀ କହିଛନ୍ତି।

## ପାଣି ଆଣିବାକୁ ଅନ୍ୟ ସାହିକୁ ଯାଉଛନ୍ତି ଗ୍ରାମବାସୀ

**ନାରାୟଣପାଟଣା ୨୧।୫(ଡି.ଏନ୍.ଏ.)**


ପଥରଦେଉଳସାହିର ଗ୍ରାମବାସୀ ଅନ୍ୟ ସାହିରୁ ପାନୀୟଜଳ ସଂଗ୍ରହ କରୁଛନ୍ତି।

- ଲିଖିତ ଅଭିଯୋଗ ପରେ ମଧ କେହି ଶୁଣୁନାହାନ୍ତି
- କଂକ୍ରିଟ୍ ରାସ୍ତା ନିର୍ମାଣ ହେଉନି, ବର୍ଷାଦିନେ କାଦୁଅରେ ପଶି ଯାଉଛନ୍ତି
- ସମସ୍ୟା ସମାଧାନ ନ ହେଲେ ବ୍ଲକ୍ ଘେରିବୁ: ଗ୍ରାମବାସୀ

ଖରାର ପ୍ରକୋପ ଯେତିକି ବଢୁଛି ପାନୀୟ ଜଳ ନେଇ ସମସ୍ୟା ସେତିକି ଅଧିକ ହେଉଛି। ପାଣି ପାଇଁ ଲୋକେ ହନ୍ତସନ୍ତ ହେଉଛନ୍ତି। ସରକାର ଲକ୍ଷାଧିକ ଟଙ୍କା ଖର୍ଚ୍ଚକରି ପ୍ରକଳ୍ପ କରିଥିଲେ ମଧ ତାହା ଲୋକଙ୍କ କାମରେ ଆସୁ ନ ଥିବା ବେଳେ ଅନ୍ୟ ଗ୍ରାମର ନଳକୂପକୁ ଯାଇ ମହିଳାମାନେ ପାଣି ଆଣୁଛନ୍ତି । ଏପରି ଦେଖିବାକୁ ମିଳିଛି ନାରାୟଣପାଟଣା ବ୍ଲକର ପଥର ଦେଉଳ ସାହିରେ।

ଖବରରୁ ଜଣାପଡ଼ିଛି ନାରାୟଣପାଟଣା ବ୍ଲକ୍‌ଠାରୁ ଅଳ୍ପ କିଛି ଦୂରରେ ରହିଛି ପଥର ଦେଉଳସାହି। ସାହି ଉପର ପଟେ ରହୁଛନ୍ତି ବିସ୍ଥାପିତ କଲୋନିର ୪୦ ପରିବାର। ତଳ ସାହିରେ ମଧ ପାଖାପାଖି ୪୦ ପରିବାର ରହୁଛନ୍ତି। ହେଲେ ଏପର୍ଯ୍ୟନ୍ତ ଏଠାରେ ଗୋଟିଏ ମଧ ନଳକୂପ ଖୋଳାଯାଇନାହିଁ। ପାଣି ପାଇଁ ଗ୍ରାମବାସୀ ଗରା, ବାଲ୍‌ଟି ଧରି ପାଖରେ ଥିବା ଅନ୍ୟ ସାହି ତଥା ସରକାରୀ ହାଇସ୍କୁଲ ପାଖରେ ଥିବା ନଳକୂପକୁ ଯାଉଛନ୍ତି। ସେଠାରେ ପ୍ରଥମେ ସେହି ସାହିର ଲୋକେ ପାଣି ନେବା ପରେ ପଥର ଦେଉଳସାହିର ଲୋକଙ୍କୁ ପାଣି ମିଳିଥାଏ। ଅନ୍ୟପକ୍ଷରେ ଗାଁ ଭିତରେ ଭଲ ଢଳେଇ ରାସ୍ତାଟିଏ ମଧ ନାହିଁ। ବର୍ଷାଦିନ ଆସିଲେ ଗାଁ ରାସ୍ତା କଦୁଆରେ ବୁଡ଼ିଯାଏ। ଗ୍ରାମର ପାନୀୟ ଜଳ ଓ ରାସ୍ତା ନିର୍ମାଣ ଲାଗି ବହୁବାର ଅଭିଯୋଗ କରିଥିଲେ ମଧ କିଛି ସୁଫଳ ମିଳୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପାଣି ଓ ରାସ୍ତା ସମସ୍ୟାର ସମାଧାନ ନ ହେଲେ ଆଗାମୀ ଦିନରେ ବ୍ଲକ୍ କାର୍ଯ୍ୟାଳୟ ଘେରାଉ କରିବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

